# ଅଧର୍ମ ବିତ୍ତ

ବିଜେ ନରହରିପୁର ଶାସନମୁଣ୍ଡ ସାହାଲା ଘରକୁ ଛାଡ଼ି ପଚାଶ ଷାଠିଏ କଦମ ଦୂରରେ ବଳଦେବଙ୍କ ପୂଜାପିଣ୍ଡି ବା ମଣ୍ଡପ । ଗ୍ରାମ ଦିଗକୁ ଛାଡ଼ି ପିଣ୍ଡିର ଆଉ ତିନିପଟରେ ପାଞ୍ଚଶାଳି, ଦଶଶାଳି, ମଧଭଳି ଅତି ପୁରୁଣା ବୁଢ଼ା, ଗଣତିରେ ଶହେ ସାତ ନଡ଼ିଆଗଛ । ଏଗୁଡ଼ାକ ଶାସନ ମହାଜନଙ୍କ କୋଠ ଗଛ । ଫଳ ଏକ ସଙ୍ଗରେ ତୋଳାଯାଇ ଭାଗପିଛେ ବାଣ୍ଟ ହୁଏ ।

ସଖାଳ ଓଳି ବେଳ ଘଡ଼ିକ ସମୟରେ ନଡ଼ିଆଗଛ ମୂଳରେ ଜଣ ପଚାଶ ବ୍ରାହ୍ମଣଗୋସାଇଁ ବିଜେ ହୋଇଛନ୍ତି । ପୁରୁଖା ପୁରୁଖା ଭଳିଆ ଆଉ ମର୍ଯ୍ୟାଦାବନ୍ତ ପୁଣି ଦୂର-ଗାଁରୁ ଆସିଥିବା ବନ୍ଧୁମାନେ ନଡ଼ିଆପତ୍ରବୁଣା ଚଟେଇରେ ବସିଛନ୍ତି, ଆଉ ସମସ୍ତଙ୍କର ଭୂମ୍ୟାସନ । ଶାସନ ପିଲାଗୁଡ଼ାକ ସଖାଳୁଁ ସଞ୍ଜଯାଏ ନଡ଼ିଆ ବୁରେଇ ତଳେ ଧାଁଦଉଡ଼ ହୋ-ହୋ ପାଟିକରି ଖେଳୁଥାନ୍ତି, ମାତ୍ର ଆଜି ସେମାନଙ୍କ ପାଟିରେ କଥା ନାହିଁ । ଯୋଡ଼ିକୁ ଯୋଡ଼ି, ପୁଞ୍ଜାକୁ ପୁଞ୍ଜା ପିଲା ଖୁବ୍ ଦୂରେଇ ଦୂରେଇ ଭିତରେ ବୁଲି ବୁଲି ଗୋସାଇଁମାନଙ୍କ ସଭା ଦେଖୁଛନ୍ତି । ସେମାନେ ବି ମନ ମଧରେ ଯେମନ୍ତ ବୁଝିଛନ୍ତି, ଆଜି ଗାଁରେ ଭାରି ଗୋଟାଏ କଣ ହେବ । ଶାସନ ଗୋସାଇଁମାନଙ୍କୁ ଛାଡ଼ି ଆହୁରି ବି ଆଠ ଦଶଜଣ ଦୂରଦୂରାନ୍ତର ଗାଁର ଗୋସେଇଁମାନେ ଆସି ଉପସ୍ଥିତ, ବିପଦଗ୍ରସ୍ତ ବନ୍ଧୁମାନଙ୍କୁ ସଙ୍ଖୁଳିବା ପାଇଁ ଆସିଛନ୍ତି । ଭେଣ୍ଡିଆ ଜଗୁପତିଏ ଦୁଇଗୋଡ଼ ପାପୁଲିରେ ଗୋଟିଏ ପଥରକୁଣ୍ଡି ଜାକି ଧରି ମୁଣ୍ଡ ପୋତି ଗୋଟିଏ ନାସଘୋଟା ବାଡ଼ିରେ ଘଡ଼ର ଘଡ଼ର କରି ନାସ ଘୋଟୁଥିଲେ । ଘୋଟା ହୋଇଗଲା । ଆଗେ ମୁରବି ଭଳିଆ ଲୋକଙ୍କ ଆଗରେ, ପଛନ୍ତେ ଆଉ ଆଉ ମହାଜନଙ୍କ ଆଗରେ କୁଣ୍ଡି ଦେଖାଇଲେ । ସମସ୍ତେ ଟିପେ ଟିପେ ନାସ ନେଇ ସୁଁ-ସୁଁ କରି ନାକ ଦୁଇପୁଡ଼ାରେ ଗୁଞ୍ଜିଦେଲେ ।

ନାସ ଶୁଙ୍ଘାଶୁଙ୍ଘି ବାଦେ ପ୍ରଥମେ ଲକ୍ଷ୍ମଣ ମିଶ୍ରେ ପଚାରିଲେ, "ମାମୁ ! କର୍ଜାଟା ତୁମ ଅଙ୍ଗିତା, ନା ଅଜାଙ୍କ ଦେହକର ?" (ଲକ୍ଷ୍ମଣ ମିଶ୍ରେ ଦିବାକର ଦ୍ୱିବେଦୀଙ୍କ ଭଣଜା, ଏଣ୍ଟ୍ରାନ୍‌ସ ପାସ୍, ଗୋଟିଏ ମାଇନର ସ୍କୁଲର ହେଡ଼ମାଷ୍ଟର । ମାମୁଙ୍କ ବିପଦ କଥା ଶୁଣି ଆଉ ଆଉ ବନ୍ଧୁଙ୍କ ପରି ସଙ୍ଖୁଳି ଆସିଛନ୍ତି ।)

ଦ୍ୱିବେଦୀଏ କହିଲେ, "ନାହିଁ ବାପା ! ମୋ ଅଙ୍ଗିତା ଯୋଡ଼ାଏ ପଇସା ବି ନୁହେଁ । ବାପା ତାଙ୍କ ମଝିଆଁଝିଅ ତାରାନାନୀ ମଙ୍ଗଳକୃତ୍ୟକୁ ସାହୁ ପାଖରୁ ଶହେ ଟଙ୍କା ଖଣ୍ଡେ ତାଳପତ୍ରଗୁଜା ଲେଖିଦେଇ ଆଣିଥିଲେ । ତହିଁଆର ବରଷ ପଞ୍ଚାଶଟି ଟଙ୍କା ଘେନି ସାହୁ ପାଖକୁ ଗଲେ । ମନରେ କରିଥିଲେ, କଳନ୍ତର ଛଡ଼ାଇ ନେଇ ମୂଳକୁ ବାକୀ ପଏଠ କରିଦେବେ । ମହାଜନ ଟଙ୍କା ଦେଖି ଜିଭ କାମୁଡ଼ି ପକେଇ କହିଲା, 'ଏ – ଏ କଣ ଗଦେଇ କକେଇ ? ଶୁଣିଲି, ତୁମେ ପରା ଧାନ ବିକି ଏ ଟଙ୍କା ରଖିଛ ! ରାମ – ରାମ – ରାମ ! ଏଟା କି କଥା ? କୁଟୁମ୍ବଦାରିଆ ଘର, ଧାନ ହେଉଛି ଜୀବନ, ଧାନ ହେଉଛି ଲକ୍ଷ୍ମୀ, ତାକୁ କଣ ବିକନ୍ତି ? କେତେ ବା ଧାନ ପାଇଛ – ଉଠାଅ, ଉଠାଅ; ଟଙ୍କା ଉଠାଅ । ତୁମେ ମୋ କୁଳ-ପୁରୋହିତ, ସହଜରେ ଧର୍ମର କକେଇ, ଟଙ୍କାଟା ତୁମ ପାଖରେ ଥିଲେ ଯେ, ମୋ ପାଖରେ ଥିଲେ ସେ । ଯାଅ ଯାଅ, ଏହି ଟଙ୍କାରେ ଧାନ କିଣି ପକାଅ । ନାହିଁ ନାହିଁ, ଗାଁରେ ଦଶ ଯଜମାନ ଘରେ ବାହାନହଣା ପଡ଼ିଗଲା ତ ଏକା ଦିନରେ ଟଙ୍କା ପୈଠ ।' ବାପା ତ ଥିଲେ ମରହଟିଆ ସାଦାସିଧା ଲୋକ, ସାହୁର ମିଠା କଥାରେ ଏକାବେଳକେ ତରଳିଗଲେ । ବାପା କ୍ୟାଁ, ତୁମେ ଯାଅନା, ଶୁଣିବ କେଡ଼େ ମିଠା କଥା କେତେ ନିର୍ମାୟା କଥା – ମନରେ କରିବ, ଏହାପରି ସରଳ, ପରୋପକାରୀ, ଧାର୍ମିକ ଲୋକ ଜଗତରେ ନାହିଁ । ଏଇ ଯେ ତୁମ ଆଗରେ ବସିଛନ୍ତି ରାମ ମହାପାତ୍ରେ, ସଦାଶିବ ମିଶ୍ରେ, ବିଶ୍ୱନାଥ ଶତପଥୀଏ, ଭୀମ ପାଢ଼ୀଏ, ସମସ୍ତଙ୍କର ଠିକ୍ ଏହିପରି ହାଲ । ଝିଅପୁଅ ବିଭାକୁ ଟଙ୍କା ଆଣିଥିଲେ, ସମସ୍ତଙ୍କର ତିରିଶ ତିରିଶ ମାଣ ଶାସନ ଭାଗ ଜମି । ଆମ ଜମି ସହିତ ଏକା ତାରିଖରେ କଟକ ଜଜ୍‌କୋର୍ଟରେ ନିଲାମ ହୋଇଯାଇଛି, ଗୋରୁ ଖୋଜରେ ଖୋଜେ ବି ଜମି

କାହାରି ନାହିଁ । ଆହୁରି ବି ଛଅଜଣ ମହାଜନଠାରୁ କରଜା ଖାଇଥିଲେ, ମୂଳକଳନ୍ତରରେ ବୁଡ଼ି ରହିଲେଣି । ସେମାନଙ୍କର ବି ଆଉ ବର୍ଷେ ଛ' ମାସ ବାଦେ ଜମିବାଡ଼ି ଗଲା ପରି । ତୁଚ୍ଛା ଏହି ଶାସନରେ ? ଏ ଅଞ୍ଚଳ ଦଶଖଣ୍ଡ ଗାଁରେ ଯାହାର ଭଲ ଜମି ଖଣ୍ଡେ ଦେଖିଲା ତ ଶୁଙ୍ଘି ବୁଲୁଥିବ । କାହାରି ଦରକାର ପଡ଼ିଲେ ରାତି ଅଧରେ ଟଙ୍କା ଗଣିଦେବ । ଥରେ ଯଦି ଟଙ୍କା ତା ଘରୁ ଉଠାଇଲ ତ, ତିନି ପୁରୁଷରେ କଣ ଶୁଝୁଛି ? କଳନ୍ତର, କଳନ୍ତରର କଳନ୍ତର, ତହିଁର କଳନ୍ତର ଲଟ ଲାଗି ରହିଛି । କରଣଗୁଡ଼ାକ ବି ସେହିପରି ତାକୁ ମିଳି ଯାଇଛନ୍ତି । କିଏ ପାଞ୍ଚ ଟଙ୍କା ପୈଠ କଲା ତ ପାଞ୍ଜିରେ ଦେଢ଼ ଟଙ୍କା । ହଁ, କଣ କହୁଥିଲି, ବାପା ତ ତା' କଥାରେ ଭୁଲି ଟଙ୍କା ବାହୁଡ଼ାଇ ଆଣି ପୁଣି ଧାନ କିଣି ଥୋଇଲେ । ତହିଁଆର ବରଷ କତିରୁ ପାଣି ହେଲା ଛିନ୍‌ଛୋଟ, ଧାନ ଭଲ ଫଳିଲା ନାହିଁ । ସେହି ସମୟରେ ପୁଣି ତୁମ ସର ମାଉସୀର ବିଭା ସମୟ ଉପସ୍ଥିତ । ନଅ ବର୍ଷ ପୂରିଯାଉଛି, 'ଦଶବର୍ଷ ତୁ କନ୍ୟକା' । ବିଭା ନ ଦେଲେ କନ୍ୟାଦାନ ଫଳ ନାହିଁ । ବାପା ଯାଇ ସାହୁ ଦୁଆରେ ହାଜର । ସାହୁ ତ ଘାଲେଇ ପଡ଼ି ବେଳ ଉଣ୍ଡୁଥିଲା, ଦାଉ ପଡ଼ିଗଲା । ସାହୁ କଅଁଳେଇ କଅଁଳେଇ ମୁରୁକି ମୁରୁକି ହସି କହିଲା, "ହେଉ ହେଉ, କକେଇ, ଘେନିଯାଅ – ଏ ଘର ଟଙ୍କା ସେ ଘରକୁ ଯିବ । କଥା କଣ ? ଆହେ ଛାମୁଁକରଣେ, ଅଇଲ, କକେଇ କିଛି ଟଙ୍କା ଧାର ନେବେ । ଆଗ ଟଙ୍କାଟାର ମୂଳ କଳନ୍ତର ହିସାବ କଲ ।' ଛାମୁକରଣ ବିଦେଇ ମହାନ୍ତିଏ ହିସାବ କରି କହିଲେ, "ଆଗ ଟଙ୍କା ମୂଳକଳନ୍ତର ମିଶି ହେଲା ଅଢ଼େଇଶ, ହାଲକୁ ଶହେ ନେଲେ ହେବ ସାଢ଼େ ତିନିଶ ଟଙ୍କା ।' ଏତେ ଟଙ୍କା ଶୁଣି ବାପା ଚମକି ପଡ଼ିଲେ । ସାହୁ ବାପାଙ୍କ ମନକଥା ବୁଝିପାରି କହିଲା, 'ହେଉହେଉ କକେଇ, ଚିନ୍ତା କ' ଣ ? ଦେବା ନେବା ବେଳ ତ ଅଛି । ଆପଣ ମୋ କୁଳପୁରୋହିତ, ଦେବାବେଳେ ଦି' ଶ ଶହେ ଛାଡ଼ ନେଇଗଲେ ମୋର କଣ ସରିଯିବ ?' ବିଭାଲଗ୍ନ ଆଉ ଆଠଦିନ, ଟଙ୍କା ନ ହେଲେ ନୁହେଁ । ବାପା ସାହୁ କଥାରେ ହଁ ଭରିଲେ; କହିଲେ, 'ହେଉ, ଗୁଜା ଲେଖାଯାଉ ।' ସାହୁ ଦଣ୍ଡେଯାଏ ଗୁମ୍ ମାରି ବସି କହିଲେ, 'ବୁଝିଲେ କକେଇ, ଏଇଟା ହେଲା କଳିକାଳ । ଏ ଗୁମାସ୍ତା କରଣଗୁଡ଼ାଙ୍କୁ ପରତେ ନାହିଁ । ଗୁଜା କେତେବେଳେ କ' ଣ କରି ପକାଇବେ, ମୋତେ ପଛନ୍ତେ ଆପଣ ଦୋଷ ଦେଉଥିବେ । ଟଙ୍କାଟା ଗୋଟାଏ ଟିପ କରି ରେଜିଷ୍ଟରୀ କରି ପକାଇଲେ ଭଲ ହେବ । କାହାରି ଉଁ ଚୁଁ କରିବାର ବାଟ ନ ଥିବ । ଏଥିରେ କେତେ ବା ଖରଚ ? ଖରଚଟା କଣ ଆପଣ ଉଛୁଣିକା ଘରୁ ଆଣି ଦେଉଛନ୍ତି ?' ଟିପ, ଲେଖାପଢ଼ା, ରେଜିଷ୍ଟରୀ ହୋଇଗଲା । ଯାହା ହେବାର ତ ହେଲା, ଟଙ୍କା ଦିଅ । ଗଣି ଦେବାକୁ କଣ ନା ୮୭ ଟଙ୍କା ଆଠଅଣା। 'କିହେ ଟଙ୍କା ଊଣା କିଆଁ ?' ଗୁମାସ୍ତା ବୁଝାଇଦେଲା ସିନ୍ଦୁକପୂଜା ଶତକଡ଼ା ଯୋଡ଼ାଏ ଟଙ୍କା । ଗୁମାସ୍ତା ଖର୍ଚ୍ଚ ଦୁଇ ଟଙ୍କା, ଲକ୍ଷ୍ମୀନାରାୟଣ ବାଳଭୋଗ ଦୁଇ ଟଙ୍କା; ରେଜିଷ୍ଟରୀ ଖର୍ଚ୍ଚ, ଗୁମାସ୍ତା କଟକ ଖୋରାକି ସବୁ ସବୁ ରକମ ମିଶାଇ ସାଢ଼େ ଛ' ଟଙ୍କା । ଗାଏ ସବୁ ପଦକୁ ବାରଟଙ୍କା ଆଠଅଣା । ପୁରୋହିତ ଆପଣ ତ ଜଣେ ପଣ୍ଡିତ, ଏତିକି ବୁଝିପାରୁନାହାନ୍ତି । ଆପଣ ତ ରୋଜିନା କେତେ କାରବାର ଦେଖୁଛନ୍ତି, ଆପଣଙ୍କ ପାଖରୁ କଣ ଟଙ୍କାଏ ମଷାଏ ହୁଡ଼ିକରି ନେଲେ ସାଆନ୍ତଙ୍କ ଗନ୍ତାଘର ପୂରିଯିବ ? ତମସୁକ ରେଜେଷ୍ଟରୀ ପାଖରୁ ଚାରିବର୍ଷ କାଳ ସେଥିରେ କିଛି ନାମ ଚର୍ଚ୍ଚା ନାହିଁ । ବାପା ତା ଦୁଆରକୁ ଗଲେ ଭକ୍ତି କଣ ଦେଖିବ ! 'କକେଇ ! ଆପଣ ଅଇଲେ, ଓଳଗି – ଓଳଗି, ଆରେ ପିଢ଼ା ଦେ ରେ, ଆରେ ପାଦଧୁଆ ଜଳ ଦେ ରେ' ଡାକ ପଡ଼ିଯିବ । ଗଲା ତେରିସ୍ତା ବାପାଙ୍କର ଯେମିତି ବିଯୋଗ ହୋଇଯାଇଛି ମହାଜନକୁ ତ ପଡ଼ିଗଲା ପୋ' ବାର ! ମୂଳ କଳନ୍ତର ଭିଡ଼ି ଦେଇ ବାରଶ କେତେ ଟଙ୍କା କେତେ ଅଣାରେ କଟକ ଅଦାଲତରେ ନାଲିସ ଦାଏର କରିଦେଲା । ମୁଁ ଯାଇ ମହାଜନ ପାଖରେ ପଡ଼ିଲି । କହିଲା, "ଆରେ ଭାଇ ଦିବୁ, ଗୁମାସ୍ତାମାନେ ମୋ ଅଜାଣତରେ ନାଲିସ କରି ଦେଇଛନ୍ତି । ଯା ଯା, ତୁ ହାକିମ ପାଖରେ ଟଙ୍କାଟା ମାନିଆ, ପଛନ୍ତେ ବୁଝାସୁଝା ହେବ ।' ମୋ ମନଟା ଛକଉଥାଏ । କଟକ ଯିବାକୁ ମନ ବଳୁ ନ ଥିଲା, ଡରରେ ଯାଇ ତା ଓକିଲ କହିବା ପ୍ରମାଣେ ହାକିମ ପାଖରେ ଜବାବ ଦେଇ ଆସିଲି । ଏଇଟା ହେଲା ଗଲା ବରଷ କଥା । ମୁଁ ଆଉ କିଛି ଜାଣେ ନାହିଁ । କେତେବେଳେ ଡିଗ୍ରୀ ହେଲା, କେତେ ଟଙ୍କା ଡିଗ୍ରୀ ହେଲା, ଆଉ କଣ ହେଲା, ମୋତେ କିଛି ଜଣା ନାହିଁ । ଶୁଣିଲି, ଗଲା ମକର ମାସ ସାତ ଦିନରେ ମୋର ଚାରି-ପାଞ୍ଚ ହଜାର ଟଙ୍କାର ସମ୍ପତ୍ତି ସାତ ଶହ ଟଙ୍କାରେ ନିଲାମ ହୋଇଗଲା । ମହାଜନ ଆପେ ନିଲାମ ଧରିଛି । ତା ଗୁମାସ୍ତା କହେ, ମୋ ଉପରେ ଆଉ ଛ' ଶହ ଟଙ୍କା ପାଉଣା, ଆମର ଶାସନ ପାଣିଗ୍ରାହୀ ଭାଗ ପଚାଶ

ମାଣ ତା ମଧ୍ୟରେ; ଏହି ଯେ ଦକ୍ଷିଣ ଦିଗରେ କିଆବଣଟା ଦେଖୁଛ, ସେହିଟା ଏକଚକିଆ ପନ୍ଦରମାଣ ମାଳ ଜମି – ଭାରି କଳିନ୍ଦ । ମୁଁ ବୁଝୁଛି, ଏ ଜମିଟା ଉପରେ ତାର ଦଶପନ୍ଦର ବରଷ ହେଲା ନଜର ପଡ଼ିଲାଣି । ଯେବେ ଏ ଗାଁକୁ ଆସେ, ସେ ଜମିଟା ପାଖକୁ ଯାଇ ଚାରିପାଖ ବୁଲି ବୁଲି ଦେଖେ – "କେତେ ଧାନ ଫଳେ, କି ଧାନ ଦିଅ" – ଦଶଥର କରି ପଚାରିବ । ମୋ ମନ ହେଲେ ଛିକଉଥାଏ । ବିଚାର କରେ କହ, ଭଲାରେ ଭଲା କହ, ଏ ଜମିଟା କଥା ତୁହାଇ ତୁହାଇ ପଚାରୁଛ କାଁ୍ୟା ? ଆଉ ପାଞ୍ଚଜଣ ମହାଜନଙ୍କର ବି ଠିକ୍ ଆମ ମାମଲା ପରି ଡିଗ୍ରୀ କରି ଜମିବାଡ଼ି ସବୁ ନିଲାମ ନେଇଛି । ଲକ୍ଷ୍ମଣ ମିଶ୍ରେ କହିଲେ, "ମୁଁ ଦେଖୁଛି, ଏଇଟା ସାଇଲକ୍ ।" ଭାଗବତ ପଡିଏ କହିଲେ, "ନା ନା, ସେଇଟା ଏ ସାଇ ଲୋକ ନୁହେଁ, ତା ଘର ମକ୍ରାମପୁର – ଏ ଗାଁକୁ ଦେଢ଼କୋଶ ଦୂର ନଈକୂଳରେ ।" ଲକ୍ଷ୍ମଣ ମିଶ୍ରେ କହିଲେ, "ନାହିଁ ନାହିଁ, ମୁଁ ସେକଥା କହୁ ନାହିଁ, ବିଲାତରେ ଗୋଟାଏ ଏହି ରକମ କଳନ୍ତରଖିଆ ଲୋକ ଥିଲା; ତା ନାମ ସାଇଲକ୍ ।" ତିରେଇ ତିହାଡ଼ୀଏ କହିଲେ, "ସେ ଯାହାହେଉ, ଏବେ ଉପାୟ କଣ ?" ଲକ୍ଷ୍ମଣ ମିଶ୍ରେ ମହାଜନମାନଙ୍କୁ ଅନାଇ ହାତଯୋଡ଼ି ଭୂଇଁରେ ମୁଣ୍ଡ ଲଗାଇ କହିଲେ, "ଗୋସାଇଁ ମହାପ୍ରଭୁମାନେ ! ମୁଁ ପିଲାଟା; ମୋ ଅପରାଧ ଘେନିବେ ନାହିଁ, ଗୋଟାଏ କଥା କହିବି, ଏଥିରେ ସାହୁର କିଛି ଦୋଷ ନାହିଁ; ଆପଣମାନଙ୍କ ମୂର୍ଖପଣ । ଆପଣମାନଙ୍କ ପାପରୁ ସବୁ ସାରି ଦରିଦ୍ର ହୋଇ ବସୁଛନ୍ତି ।" ବୁଢ଼ା ଅନନ୍ତ ପାଢ଼ୀଏ ଟିକିଏ ଉଷ୍ଣ ଭାବରେ କହିଲେ, "ହୋଇ ହେ ଲକ୍ଷ୍ମଣ ! ଆମ୍ଭେମାନଙ୍କର ପାପ କଅଣ ? ମୂର୍ଖପଣ କଅଣ ଦେଖିଲ ?"

ଲକ୍ଷ୍ମଣ ମିଶ୍ରେ ପୁଣି ଦଣ୍ଡବତଟାଏ କରି କହିଲେ, "ଅଜାସାଅନ୍ତେ ! ମୋ ଉପରେ ଖପା ହେଲେ ପରା ! ଦେଖନ୍ତୁ, କେଉଁ ମହାତ୍ମା ଶାସନ ବସାଇ ଏତେ ନିଷ୍କର ଜମି ଖଞ୍ଜିଦେଇ କହିଥିଲେ, "ଆପଣମାନେ ଶାସ୍ତ୍ର ଅଧ୍ୟୟନ – ଅଧ୍ୟାପନା କରିବେ, ଦାତାକୁ ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ କରିବେ ।' ତାହା କରୁଛନ୍ତିଟି କି ? ବୋଲନ୍ତୁ ଭଲା ! ଏଡ଼େ ବଡ଼ ଶାସନଟାରେ ଗୋଟାଏ ବୋଲି ଚୌପାଢ଼ି ନାହିଁ । ତୁଚ୍ଛା ନାସ ଶୁଙ୍ଘି, ଭାଙ୍ଗ ପିଇ ଚୌପଟ ଖେଳି ଦିନ କାଟିବେ । ଦାତାଙ୍କୁ ତ୍ରିକାଳ ସନ୍ଧ୍ୟାରେ ଆଶୀର୍ବାଦ ଥାଉ, ପବିତ୍ର ବ୍ରାହ୍ମଣ କୁଳରେ ଜାତ ହୋଇ କେତେ ଜଣ ତ୍ରିକାଳ ସନ୍ଧ୍ୟାରେ ଗାୟତ୍ରୀ ଜପ ସନ୍ଧ୍ୟାବନ୍ଦନାଦି ନିତ୍ୟକର୍ମ କରନ୍ତି ? ଏଇଟା କଣ ପାପ ନୁହେଁ ? ଆଉ ଗୋଟାଏ କଥା, କୁଆଡୁ ଶୁଝିବେ ଭାବନା ନାହିଁ ଧାଇଁଯାଇ ମହାଜନ ଦୁଆରେ ଗୁଜା ଲେଖି ବସିବେ, ପୁଅଝିଅ ବିଭାଘରକୁ ଆପଣା ବଡ଼ପଣ ଦେଖାଇବା ଲାଗି ଅକାରଣ ଟଙ୍କାଗୁଡ଼ାଏ ସାରିବେ । ଆପଣା ଅବସ୍ଥାକୁ ଚାହିଁ ଯେ ନ ଚଳେ ସେ ମୂର୍ଖ ନୁହେଁ ତ ଆଉ କଣ ? ଏହି ଦେଖନ୍ତୁ, ଅତି ପବିତ୍ର ଶାସନଭାଗ ଭୂମିରେ ବାର ଜାତି ତେର ଗୋଲା ଅଧିକାରୀ ହୋଇ ବସିଲେଣି । ଏହା ଆପଣମାନଙ୍କର ପାପ ଆଉ ମୂର୍ଖତାର ଫଳ ନୁହେଁ କି ? ଆପଣମାନେ ତ ଦୁଃଖଦୁର୍ଦ୍ଦଶାକୁ ଲୋଡ଼ି ଆଣିଛନ୍ତି, ଏଥିପାଇଁ ଲଗା ହେବ କିଏ ?"

ମାଧ ପାଣିଏ କହିଲେ, "ଲକ୍ଷ୍ମଣ ଯାହା କହିଲେ ସତ, ଷୋଳପଣି ସତ । ହେଲେ ଏଣିକି ଯାହା ଗୋଟାଏ ବୁଝିସୁଝି କରାଯିବ, ବର୍ତ୍ତମାନ ଉଦ୍ଧାର ପାଇବାର ବାଟ କ' ଣ ?"

ଲକ୍ଷ୍ମଣ ମିଶ୍ରେ – ଆପଣମାନେ କ' ଣ ଉପାୟ ସ୍ଥିର କରିଛନ୍ତି ?

ଆନନ୍ଦ ମିଶ୍ରେ – ଆମ୍ଭେମାନେ କିଏ, ମାଲିମାମଲା କିଏ ? କର୍ମକର୍ମାଣି କଥା ବୋଲ, ଦଶ ଜଣ ବାହାରି ପଡ଼ିବୁଁ ।

ଲକ୍ଷ୍ମଣ ମିଶ୍ରେ – ମାମୁ ! ଜମି ନିଲାମ ବାଦେ ସାହୁ ପାଖକୁ ଯାଇଥିଲେ, କଣ କହିଲା ?

ଦିବାକର ଦ୍ୱିବେଦୀ – ଯାଇଥିଲି । ଦଶଥର ଗଲିଣି, ଭେଟ ମିଳେ ନାହିଁ । ବାଧିକା ପଡ଼ିଛି, କଥା ବୋଲି ପାରିବ ନାହିଁ ବାହାନା କରି ଶୋଇପଡ଼େ – ନୋହିଲେ ବାଡ଼ି ପଛ ବାଟେ ଆଉ ଗାଁକୁ ବାହାରିଯାଏ । ମୋ କନ୍ଦାକଟା ଦେଖି ସାହୁଆଣୀ କମଳା ଆଉ ତାଙ୍କ ପୁଅ ବିଦ୍ୟାଧର ଦୁହେଁଯାକ କାନ୍ଦିପକାନ୍ତି । ମୋତେ ବହୁତ ବହୁତ ଆଶ୍ୱାସନା ଦେଇ କହିଛନ୍ତି, ମୋ ଜମି ମୋତେ ଦେଇଦେବେ । କେଜାଣି କପାଳରେ କଣ ଅଛି ? ମା' ପୁଅ ଦୁହେଁଯାକ ଏକା ଯେପରି ଦୟାଳୁ ସେହିପରି ଧାର୍ମିକ, କାହାରି ଦୁଃଖ ଦେଖି ପାରିବେ ନାହିଁ । କୁବେର ସାହୁଟା ଯେପରି ନିଷ୍ଠୁର, ସେହିପରି କୃପଣ – ହାତରୁ ପାଣି ଗଳିବ ନାହିଁ ।

ହେଲେ ମା' ପୁଅଙ୍କ ଆଗରେ କେହି ଉପାସ ରହିବେ ନାହିଁ । ସାହୁଟା କରଜା ଟଙ୍କା ଲାଗି କାହାରି ଘରଦ୍ୱାର ନିଲାମ କରି ନେଲେ ଏମାନେ ଲୁଚାଇ ତାକୁ ଟଙ୍କା ଧାନ ଦେଇ ତା' କୁଟୁମ୍ବ ପୋଷନ୍ତି ।

ଲକ୍ଷ୍ମଣ ମିଶ୍ରେ – ଗୋଟାଏ ଆଶା ଅଛି ସତ, ହେଲେ ସେଥିକି ନିର୍ଭର କରି ରହ ନାହିଁ । ଆପଣାର ବି ଗୋଟାଏ ବାଟ କାଟି ଚାଲିବା ଉଚିତ । ଉଛୁଣିକା ତାକୁ କେହି ଜମି ଦଖଲ ଦିଅ ନାହିଁ । ମାମୁ ! ତୁମେ କହୁଛ, ପାଞ୍ଚ ହଜାର ଟଙ୍କାର ମାଲ ସାତଶ' ଟଙ୍କାରେ ନିଲାମ କରିନେଇଛି । ଏହି କଥା ଓଜର କରି ସାନି ନିଲାମ ପାଇଁ ହାକିମଙ୍କ ପାଖରେ ଦରଖାସ୍ତ କର । କିଛି ଖରଚପତ୍ର କଲେ ଢେର୍ ଦିନଯାଏ ମାମଲୀ ତାରିଖ ଗଡ଼ିଯିବ । ଏଣେ ତୁମେ ମା' ପୁଅ ଦୁହିଁଙ୍କୁ ଧରି ପଡ଼ିଥାଅ । ଆଜିକା କଥା କାଲିକି ଅନ୍ତର, ଏଥି ମଧ୍ୟରେ ଆଉ ଗୋଟିଏ କିଛି ବାଟ ଫିଟିଯାଇପାରେ ।

ମିଶ୍ରଙ୍କ କଥା ଶୁଣି ମହାଜନ ଭାରି ଆନନ୍ଦରେ ଏକାବେଳକେ ପାଟିକରି କହିଲେ, 'ଦୀର୍ଘଜୀବୀ ହୁଅ, ରାଜରାଜେଶ୍ୱରୀ ଭବ ! ନୋହିଲେ କଣ ଆଞ୍ଜୁଳାକୁ ଆଞ୍ଜୁଳା ଟଙ୍କା ଗଣି ହାକିମ ଘର ପାଠ ପଢ଼ିଛ ? ଦେଖ ତ, ଆମେ ଏତେଗୁଡ଼ାଏ ଲୋକ ଅନ୍ଧାରରେ ଅଣ୍ଡାଳି ହେଉଥିଲେ, କିଛି ବାଟ ଦିଶୁ ନ ଥିଲା, ପିଲାଟା କେମିତିକା ଗୋଟାଏ ବାଟ କାଢ଼ିପକାଇଲା ?

ବୁଢ଼ା ଦନେଇ ମହାପାତ୍ର ଟାଣରେ ଦୁଇ ଟିପା ନାସ ଶୁଙ୍ଘିଦେଇ ଖନେଇ ଖନେଇ କହିଲେ, ବୁଝିବାଁ ହେଁଲେଁ ମହାଁଜନଁ ଗୋଁସାଇଁମାନେଁ,

> ଅଧମଁ ବିତ୍ତଁ ବଢ଼େଁ ବହୁତଁ ।
>
> ଯିଁବାବେଳେଁ ଯାଏ ମୂଳଁ ସହିତଁ ।

ସମସ୍ତେ ତ ଜାଣୁଛ, ତାହାର ସବୁ ଧନଗୁଡ଼ାକ ଡଣ୍ଟିଚିପା ମଣିଷ ରକ୍ତ । ମାହାଳିଆଟାରେ ଲକ୍ଷାବଧି ଟଙ୍କାର ମାଲିକ ହୋଇ ବସିଲା । ଯିମିତି ଭୀମା ଟଙ୍କାରେ ମାଲିକ ହୋଇଛି, ସେହିଦିନୁ ତ ବଢ଼ିଯାଇଛି, ଆଉ କଣ । ଏହି ସେ କୁବ୍ରାଘର ଦେଖୁଛ, ସେଇଟା ତା ନିଜ ଘର ନୁହେଁ । ଭିମା ସାହୁ ବୋଲି ଜଣକର ଘର । ଭୀମାଟା ବି ଥିଲା କୁବ୍ରାକୁ ବଳି ଡଣ୍ଟିଚିପା, ମକ୍ଷି ବୋଲି ସରିଛି । ପୁଅ ଝିଅ ଘରେ କିଛି ନଥିଲା, ଗୋଟାଏ ପୋଷାପୁଅ କରିଥିଲା ଯେ ସେଟା ମଦ ଖାଇ ଗଞ୍ଜେଇ ଖାଇ ମଲା । କୁବ୍ରା ତା ଜାତି ପୁଅ, ଲଗ୍ନିକ କେହି ନୁହେଁ, ତା' ଘରେ କାରବାରିଆ ଥିଲା । ଭୀମାକୁ ଖୁବ୍ ପଟେଇ ରଖିଥାଏ । ଭୀମା ଯେମିତି ଆଖି ବୁଜିଛି, କୁବ୍ରା ଚାକରବାକର ସମସ୍ତଙ୍କୁ ହାତକରି ଓକିଲ ମୁକ୍ତାର ଧରି ପୋଷ୍ୟପୁତ୍ର ବୋଲି ସରକାରରୁ ବାହାଲ ହୋଇ ଆସିଲା । ପାପୀଟାର ଧନ ପାଣି ପରି ବଢ଼ିଯାଉଛି, ଏବେ ଜାଣ ଠକ୍ କରି ଛିଡ଼ିପଡ଼ିବ । ଦେଶଯାକ ସନ୍ତେଇ ମାରିଲାଣି, ହଜାର ହଜାର ଲୋକଙ୍କର ଆତ୍ମା କାନ୍ଦୁଛି, ଯାହାର ସେ କିଛି କରି ନାହିଁ, ସେ ବି ଗାଳିଦେଉଛି । ଏହି ମୋ କଥା ବୁଝନା – ପୁଅ ବିଭାକୁ ପଚାଶ ଟଙ୍କା କରଜ ଆଣିଥିଲି, ପନ୍ଦର ବରଷରେ ତୁଚ୍ଛ କଳନ୍ତର ଅଢ଼େଇଶହ ଟଙ୍କା ଶୁଝିଛି, ପାଞ୍ଚ ଥର ଟିପ ବଦଳାବଦଳି କରି ଶେଷରେ ନାଲିସରେ ପାଞ୍ଚଶ ଟଙ୍କା ଡିଗ୍ରି କରି ମୋର ତିରିଶ ତିରିଶ ମାଣ ଜମି ନିଲାମ କରିନେଲା । ତେତିକି ଥିଲା କୁଟୁମ୍ବଙ୍କ ଭରସା । ତାଙ୍କ ମୁହଁରେ ପାଣି ଟୋପାଏ ଦେବାକୁ ଭରସା ନାହିଁ – ଦିନରାତି ଆତ୍ମାପୁରୁଷ କାଉଳି ହେଉଛି – ଆଖିରୁ ପାଣି ଶୁଖୁ ନାହିଁ । ଏହି ପଞ୍ଚପରମେଶ୍ୱର ଶୁଣନ୍ତୁ, ମୁଁ ପଇତା ଛୁଇଁ କହୁଛି, ଆଝୁଁ ତିନିପକ୍ଷ, ତିନିମାସ, ତିନିବରଷ ମଧ୍ୟରେ ତାହାର ସର୍ବନାଶ ହେବ । ଏହା ଯଦି ନ ହୁଏ, ମୁଁ ଅବ୍ରାହ୍ମଣ; ଏ ବ୍ରହ୍ମଗଣ୍ଠି ଛିଣ୍ଡାଇ ପକାଇବି । ସେ ତ ଢେର୍ ଦିନ ଆଗରୁ ଯାଇଥାନ୍ତା, କେବଳ ମା' ପୁଅଙ୍କ ଧର୍ମରୁ ବର୍ତ୍ତି ରହିଛି ।"

ଲକ୍ଷ୍ମଣ ମିଶ୍ରେ – ମାମୁ ! ସାହୁଆଣୀ ଆଉ ବିଦ୍ୟାଧର ପାଖକୁ ଯିବାଆସିବା କରୁଛନ୍ତି ତ ? ସେମାନଙ୍କୁ ଧରି ପଡ଼ିଥାନ୍ତୁ ।

ମାମୁ – ହଁ ବାପା, ମୋର ଆଉ ଉପାୟ କଣ ? ଦିନେ ଦି' ଦିନ ବାଦେ ସେମାନଙ୍କ ପାଖକୁ ଯାଏଁ । ମୋର ତ ଗୋରୁ ବାଛୁରୀ ଘର, ତଳ ଜମି ସୁଦ୍ଧା ନିଲାମ ହୋଇଯାଇଛି, ଆଉ ଉପାୟ କିଛି ନାହିଁ । ସାହୁଆଣୀ ମୋ ଦୁଃଖ ଶୁଣି କାନ୍ଦିପକାଏ । ସେହି ତ କୋଡ଼ିଏ ନଉତି ଧାନ ଆଉ ପାଞ୍ଚଟା ଟଙ୍କା ଦେବାରୁ ଆଜିଯାଏ ଚଳୁଛି । କାଲି ରାତିରେ ବି ବିଦ୍ୟାଧର ପାଖକୁ ଯାଇଥିଲି । ସେ ତ ମୋତେ ଟାଣ ଜବାବ ଦେଇ କହିଲା, "ନନା ! କାନ୍ଦନା, ଯେପରି ହେଉ, ତୁମ ଜମି ତୁମକୁ ଦେବି । ମୁଁ ବାହାଘରରୁ ବାହୁଡ଼ି ଆସିବାଯାଏ ସତାର କର । ତୁମେ ତ ଆମ କୁଳପୁରୋହିତ, ସଙ୍ଗରେ ତ ଅବଶ୍ୟ ଯିବ । ଶୁଣିଛି, ମୋ ଶ୍ୱଶୁରର ଦଶ ଲକ୍ଷ ଟଙ୍କାର ବିଷୟ, ସେ ତୁମକୁ ଅବଶ୍ୟ ଭଲରୂପେ ମେଲାଣି କରିବେ ।"

କୁବେର ସାହୁ କହେ, 'ମୋର କରଜା କଳନ୍ତରକୁ ଲୋଡ଼େ କିଏ ? ମୋର ଗଡ଼ଜାତ ଥାଉ ।' ଗଡ଼ଜାତ ସୋନପୁରଠାରୁ ଦଶପଲ୍ଲାଯାଏ ତାହାର ଦଶ ପନ୍ଦରଟା ଗୋଦାମ । ଫି ଗୋଦାମରେ ଜଣେ ଜଣେ କାରବାରିଆ, ତାର ନିଜର କୋଡ଼ିଏ ସରିକି ବାର ଗୋଡ଼ିଆ ପନ୍ଦର ଗୋଡ଼ିଆ କୁଶଳୀ; ଚକ୍‌ଚକି ନାଆ ଅଛି । ବର୍ଷାଦିନେ ସେଥିରେ ସରକ ନେ-ଆଣ କରେ । ନାଆ ଛାଡ଼ି ଖରାଦିନରେ ସରକ ନେ ଆଣ କରିବା ସକାଶେ ପାଞ୍ଚପାଞ୍ଚ ବୋଡ଼ିଆ ଯୋଡ଼ାଏ ଥୋଡ଼ି ବଳଦ ଖାଉଡ଼ ବି ଅଛି ।

ବୌଦ ଇଲାକା ହରିହରପୁର ଗୋଟିଏ ବଡ଼ ମହାଜନୀ ଗାଁ – ଠିକ୍ ମହାନଦୀ କୂଳରେ । ଗ୍ରାମର ସମସ୍ତେ ପ୍ରାୟ କାରବାରିଆ ବେପାରୀ । ପ୍ରଧାନ ମହାଜନଙ୍କ ନାମ ଯୁଧିଷ୍ଠିର ସାହୁ । ନାମର ଉପଯୁକ୍ତ ମଧ୍ୟ ଗୁଣ । ଲୋକଟି ବଡ଼ ଧାର୍ମିକ, ସତ୍ୟବନ୍ତ । ପାଞ୍ଚ ସାତ ଲକ୍ଷ ଟଙ୍କାର ବିଷୟ, ଘରେ ଠାକୁରବାଡ଼ି, ସଦାବର୍ତ୍ତ । ସାହୁ ବୁଢ଼ା ହୋଇପଡ଼ିଲାଣି, ଆଉ ଏବେ ବେପାର ବଣିଜରେ ମନ ନାହିଁ । ସବୁବେଳେ ପୂଜାପଟଳ, ହରିନାମ ଭଜନରେ ଲାଗିଥାଏ । ସାହୁ ଅପୁତ୍ରକ; ଗୋଟିଏ ବୋଲି ଝିଅ, ନାମ ପଦ୍ମାବତୀ – ବୟସ ପନ୍ଦର ଯାଇ ଷୋଳ ପଶିଛି । ପାଟକି ଜାତିରେ ଏତେ ବଡ଼ ଅଭିଆଡ଼ୀ କନ୍ୟା ଘରେ ରଖିବାକୁ ମନା । ସାହୁର ଇଚ୍ଛା ଗୋଟିଏ ଘରଜୁଆଁଇ ରଖିବ । ପାତ୍ର ଖୋଜୁ ଖୋଜୁ ଦିନ ଚାଲିଗଲା, କନ୍ୟା ଘରେ ରହିଛି । କନ୍ୟାଟି ସମସ୍ତ ସମ୍ପତ୍ତିର ଉତ୍ତରାଧିକାରିଣୀ । କୁବେରର ନଜର ପଡ଼ିଲା ଯୁଧିଷ୍ଠିର ଧନଟା କିମିତି ଘରେ ପଶେ । ସେ ଭଲ କରି ଜାଣେ, ଯୁଧିଷ୍ଠିର ଘରଜୁଆଁଇ ରଖିବ, ଅନ୍ୟଆଡ଼େ କନ୍ୟାକୁ ବିଭା ଦେବ ନାହିଁ । ତା ମନକଥା ମନରେ ଥାଏ ।

କୁବେର ବର୍ଷକୁ ଥରେ ସୋନପୁର ଦିଗକୁ କୋଠି ତନଖି କରିବାକୁ ଯାଏ । ଦୁଇବର୍ଷ ହେଲା ବର୍ଷକ ଭିତରେ ଦୁଇ ତିନି ଥର ଯା' ଆସ କରୁଛି । ସୋନପୁର ଯିବାବେଳେ ନାଆ ହରିହରପୁର ଗାଁ ତଳଦେଇ ଯାଏ । ଦୈବାତ୍ ସେହି ଗାଁ ପାଖରେ ସଞ୍ଜ ହୋଇପଡ଼େ । କୁବେର ଗାଁ ପାଖ ନଦୀର ଆରକୂଳରେ ନାଆ ଖଟାଇ ରୋଷେଇବାସ କରେ । କୁବେର ଘରେ କେବେ ସନ୍ଧ୍ୟା କି ହରିନାମ କରିବା କେହି ଦେଖି ନାହିଁ । ଗୋଟାଏ ବଡ଼ କୋଥଳି ସାଙ୍ଗରେ ଘେନି ଯାଇଥାଏ, ନଦୀକୂଳରେ ମେଲାଇ ଦେଇ ରାତି ଛ' ଘଡ଼ିଯାଏ ଆଖିବୁଜି ବସି ଜପକରେ । ତେତିକିବେଳେ ଚାରିଆଡ଼କୁ ଅନାଇ ତୁନି ତୁନି କାରବାରିଆଙ୍କ ସଙ୍ଗରେ ମାଲ କିଣାବିକା କଥା ଚଳେ । ହରିହରପୁରକୁ ଶୁଭୁ, ଏଥିପାଇଁ କୁବେର ବେଳେ ବେଳେ ବଳରେ ଘଣ୍ଟା ବଜାଉଥାଏ ।

ଯୁଧିଷ୍ଠିର ସାହୁ କୁବେର ସାହୁର ନାମ ଶୁଣିଥିଲେ, ଦେଖାସାକ୍ଷାତ୍ ନ ଥିଲା । କୁବେର ସାହୁ ନଦୀକୂଳରେ ଅଛନ୍ତି ଶୁଣି ଯୁଧିଷ୍ଠିର ଡଙ୍ଗା ଖଣ୍ଡିକରେ ବସି ନଦୀ ପାରହୋଇ ଗଲେ । କୁବେର ଖବର ନଉଥାଏ ! ଯୁଧିଷ୍ଠିରଙ୍କ ପହଞ୍ଚିଲାବେଳକୁ କୁବେର ସାହୁଏ ଧ୍ୟାନରେ ବସିଛନ୍ତି । ଘଣ୍ଟାଏ ଦି' ଘଣ୍ଟା ବିତିଗଲା, ଧ୍ୟାନ ଭାଙ୍ଗୁ ନାହିଁ । ଧ୍ୟାନ ଦେଖି ଯୁଧିଷ୍ଠିର ତ ତରଳି ଗଲେଣି । ଧ୍ୟାନ ଭାଙ୍ଗିଲା । କୁବେର ସାହୁ ଯିମିତି ଖବର ପାଇଛି, ଧାଇଁଯାଇ ଯୁଧିଷ୍ଠିରଙ୍କ ଗୋଡ଼ତଳେ ପଡ଼ିବାକୁ ଯାଉଥିଲା, ଯୁଧିଷ୍ଠିର କହିଲେ, 'ହାଁ ହାଁ ! ଏ କ' ଣ କରୁଛନ୍ତି – ଏ କ' ଣ କରୁଛନ୍ତି ? ଆପଣ ଧର୍ମପରାୟଣ । ମୁଁ ପାପୀ, ମୋ ଗୋଡ଼ତଳେ ପଡ଼ିବେ ?' କୁବେର କହୁଥାଏ, 'ଏ କଣ, ଆପଣ ସ୍ୱଜାତିର ମଉଡ଼ମଣି । ଘଣ୍ଟାଏ ହେଲା ବସିଲେଣି, ମୋର ଅପରାଧ କ୍ଷମା

କରନ୍ତୁ ।’ ଯୁଧିଷ୍ଠିର ‘ନାହିଁ ନାହିଁ, ମୁଁ ଆପଣଙ୍କର ଧ୍ୟାନଭଙ୍ଗ କରାଇଲି ପରା ? ମୋତେ କ୍ଷମା କରନ୍ତୁ ।’ ଦୁଇଜଣ କୁଣ୍ଠିଆକୁଣ୍ଠେଇ ହୋଇ ଏ କହୁଛି ମୋତେ କ୍ଷମା କରନ୍ତୁ ସେ କହୁଛି ମୋତେ କ୍ଷମା କରନ୍ତୁ । ଦୁଇଜଣ ସାଷ୍ଟାମ ହୋଇ ଖଣ୍ଡିଏ କମ୍ବଳରେ ବସିଲେ । ଯୁଧିଷ୍ଠିର ପ୍ରସ୍ତାବ କଲେ, “ଆଜ୍ଞା, ଆପଣ ହେଲେ ଆମ ଜାତିର ମଉଡ଼ମଣି । ମୋ କୁଡ଼ିଆ ପାଖରେ ପଦାରେ ନୀତି ବଢ଼ାଇବେ, ମୋର ଯେ ମହାପାପ ହେବ । ଉଠି ଆଜ୍ଞା ହେଉ- ବିଜେ କରନ୍ତୁ – ମୋ’ କୁଡ଼ିଆରେ ପାଦଧୂଳି ଦେଉନ୍ତୁ । ମୋ କୁଡ଼ିଆ ଖଣ୍ଡ ପବିତ୍ର ହେଉ ।” ଦୁଇ ସାହୁ ଯାଇ ଠାକୁର ମେଲାରେ ବସିଲେ । ଠାକୁର ଆଗରେ ଆସନରେ ବସିବାକୁ ମନା, ଦୁହେଁଯାକ ଭୂଇଁରେ ବସିଲେ । ରାତି ଅଧଯାଏଁ ଦୁଇ ସାହୁଙ୍କ ମଧ୍ୟରେ କଥାଭାଷା ଚଳିଲା । ଏ କଥା, ସେ କଥା, ବେପାର ବଣିଜ କଥା ହେଉଁ ହେଉଁ ବିଭା ପ୍ରସଙ୍ଗ ପଡ଼ିଗଲା । କୁବେର କହିଲେ, “ମୁଁ ବାପାଙ୍କ ମୁହଁରୁ ଢେର୍ ଥର ଶୁଣିଛି, ଆଗେ ଗଡ଼ଜାତ ମୋଗଲବନ୍ଦ ମଧ୍ୟରେ ବିଭା, ନେଣଦେନ ଚଳୁଥିଲା । ଦୁଇ କି ତିନି ବୋଡ଼ି ସରିକି ଗଡ଼ଜାତ କନ୍ୟା ମୋଗଲବନ୍ଦରେ ଥିଲେ, ମୋଗଲବନ୍ଦ କନ୍ୟା ବି ଗଡ଼ଜାତରେ ଥିଲେ । ନିହାତି ଦୂରଦୂରାନ୍ତ ବୋଲି ଊଣାଅଧିକ ପଚାଶ ବର୍ଷ ହେଲା ବିଭା, ନେଣଦେଣ ବନ୍ଦ ।” କଥା ଚଳୁ ଚଳୁ ପଦ୍ମାବତୀ ସାଙ୍ଗରେ ବିଦ୍ୟାଧରର ବିଭାପ୍ରସଙ୍ଗ ସ୍ଥିର ହୋଇଗଲା । କୁବେର, “ଆଜ୍ଞା, ମୁଁ ମୋଗଲବନ୍ଦ କାମ ଚଳାଇବି, ବିଦ୍ୟାଧର ବର୍ଷଯାକ ଏହିଠାରେ ରହି କାମ ଚଳାଇବ । ବିଦେଇ ତ ଆପଣଙ୍କ ପୁଅ ହେଲା । ପିଲାଲୋକ, ଜାତି ବେଉସା ବୁଝି ନାହିଁ – ଆପଣଙ୍କ ଚରଣ ଧୂଳି ତା ମୁଣ୍ଡରେ ଲାଗିଲେ ସବୁ ଶିଖିଯିବ ଯେ ।”

ବିଭା ବିଷୟରେ ଆଉ କିଛି ସନ୍ଦେହ ନାହିଁ । ଏକାବେଳକେ ଦିନ ଠିକ୍ ହୋଇଗଲା, ଆସନ୍ତା ମକର ଶୁକ୍ଳ ସପ୍ତମୀ ।

ବଡ଼ ଘର କଥା ବଡ଼ ବାଜେ, ଦିନକ ମଧ୍ୟରେ କିଲାର ଅଧାଅଧି କିଲାର ଲୋକ ଜାଣିଗଲେ, କୁବେର ସାହୁ ପୁଅ ବିଦ୍ୟାଧର ସାଙ୍ଗରେ ଯୁଧିଷ୍ଠିର ସାହୁ ଝିଅ ପଦ୍ମାବତୀର ବିଭା ।

ବିଭାପ୍ରସଙ୍ଗ ଛିଡ଼ିବା ବାସିଦିନ ସନ୍ଧ୍ୟାବେଳେ ଦୁଇ ସମ୍ବନ୍ଧୀ ଦେବତାଙ୍କ ନାଟମନ୍ଦିରରେ ବସିଛନ୍ତି । କୁବେର ସାହୁ ଏକଥା ସେକଥା ଉତ୍ତାରେ କହିଲେ, “ସମୁଧିଏ ! ସୋନପୁରରେ ମୋର ଢେର୍ କାମ ଥିଲା, ଦେଖୁଛି ମୋର ଯିବାର ହେଉ ନାହିଁ । ଏଇ ବୁଝନ୍ତୁ, ମକର ମାସ ତ ମକର ମାସ ଛାଡ଼ି ଦେଉନ୍ତୁ, କକଡ଼ାଟା ଚଳୁଛି, ଏଇଟା ବି ଧରୋଟ ଭିତରେ ନୁହେଁ । ବାକି ରହିଲା ସିଂହ କତିରୁ ଧନୁଯାଏ ମଝିରେ ପାଞ୍ଚଟା ମାସ । ଏଥି ମଧ୍ୟରେ ସବୁ ଆୟୋଜନ, ଠିକ୍-ଠିକଣା କରିବାକୁ ହେବ । ତା ପୁଣି ନାଆ ଉଠାଣି ଆସିବ, ବାଟରେ ଊଣା ପୂରା ମାସେ କାଳ ଛାଡ଼ି ଦେଉନ୍ତୁ । ମାସ ଚାରିଟା ରହିଲା ହାତରେ । ମୁଁ କହୁଛି, କାଲି ସକାଳେ ଚାଲିଯାଏ ଆଜ୍ଞା ! କଣ ଆଜ୍ଞା ହେଉଛି ?” ଯୁଧିଷ୍ଠିର ସାହୁଏ ଦଣ୍ଡେ ଆଖିବୁଜି କହିଲେ, “ଆଉ ଯୋଡ଼ାଏ ଦିନ ରହିଗଲେ ଭଲ ହୁଅନ୍ତା ପରା ! ହେଉ, ଆପଣ ଯେପରି ଭଲ ବୁଝନ୍ତି, କରନ୍ତୁ ।”

ମକ୍ରାମପୁରରେ ଚହଳ ପଡ଼ିଯାଇଛି; ସାହୁଙ୍କ ପୁଅ ବିଦ୍ୟାଧର ବିଭା । ହେଲେ, ଗୋଟାଏ ଶ୍ରେଣୀ ଲୋକଙ୍କ ଘରେ ରଡ଼ି ପଡ଼ିଛି; କୋଡ଼ିଏ ଖଣ୍ଡ ଗାଁରେ ସାହୁର ଦୁଇ ତିନି ଶ’ ଭଳି ଖାତକ । ଧାନ ବୋଲ, ଟଙ୍କା ବୋଲ, ତା ଘରୁ ନ ଖାଇଛି କିଏ ? ସାହୁ ସମସ୍ତଙ୍କୁ ଧରି ବସିଛି; ପୁଅର ବିଭା, ନ ଦେଲେ ନୁହେଁ । ନୋହିଲେ ମୂଳଟା ଥାଉ, କଳନ୍ତରଟା ଛିଡ଼ାଇ ଦିଅ । ପଇସାଏ ବି କଳନ୍ତର ରଖିବି ନାହିଁ । ଆଜି ଭୋଦୁଅ ମାସ, ଲୋକଙ୍କ ଘରେ ଟଙ୍କା ତ ଟଙ୍କା, ପତାନଳିତା ମଞ୍ଜି ନାହିଁ ଯେ ଦେବେ । ଜଣ ଜଣକ ଘରେ ଯୋଡ଼ା ଯୋଡ଼ା ପିଆଦା । ସମସ୍ତେ ସାହୁ ଦୁଆରେ ଓପାସ ଭୋକରେ ପଡ଼ି ଡକା ଛାଡ଼ିଛନ୍ତି, ଶୁଣୁଛି କିଏ ? ଥୋକେ ଖାତକ ଦଶବାର ବରଷର ପୁରୁଣା କରଜାର ମୂଳକଳନ୍ତର ହିସାବ କରି ତମସୁକ ରେଜିଷ୍ଟରୀ କରାଇ ଦେଇ ରିହାଇ ପାଇଲେ । ତମସୁକରେ ବିଲ ବାଡ଼ି ଘରଦୁଆର ସବୁ ବନ୍ଧା ରହିଲା । ସାହୁଆଣୀ ସବୁ ଶୁଣୁଥିଲା । ଦୁଇଦିନ ହେଲା ଅନ୍ନ ଛାଡ଼ି ବସିଲାଣି । ଗୋଟିଏ ବୋଲି ପୁଅ, ତାଙ୍କ ଇଚ୍ଛା ଶୁଭକାର୍ଯ୍ୟଟି ମଙ୍ଗଳରେ ହେଉ । ନା, କିଛି ନୋହୁଣୁ ଶହକୁ ଶହ ଲୋକ ରଡ଼ି ଛାଡ଼ିଛନ୍ତି, ଧର୍ମ ମତେ ସହିବ କାହିଁ ? ବେକରେ ପଟକା ପକାଇ ସାହୁ ଗୋଡ଼ତଳେ ପଡ଼ି, ଢେର୍ କାକୁତି

କଲେ, ଢେର୍ କାନ୍ଦିଲେ, ଫଳ ହେଲା କ ' ଣ ନା ସ୍ୱାମୀ ପାଖରୁ କଟୁ କଥାରେ ଗାଳିଗୁଡ଼ାଏ । ମାଇପିଲୋକ କଣ କରିବେ, ମାତ୍ର ତୁନି ହେଲେ ନାହିଁ । କରଣମାନଙ୍କୁ ଡାକି ମାଏପୋଏ କଅଁଳରେ, କେତେ ହାକିମି ବୋଲରେ ବୁଝାଇଦେଲେ, "ଖବରଦାର ! କାହାକୁ କଷ୍ଟ ଦେଇ ଟଙ୍କା ଅସୁଲ କର ନାହିଁ ।" ସାହୁ କରଣକୁ ଗାଳିଫଜିତ କରୁଛି; କାହିଁକି ଟଙ୍କା ଅସୁଲ ହେଉ ନାହିଁ ? ହଁ ହିସାବ ହେଉଛି; ହଁ ଟିପା ଲେଖାଯାଉଛି- ଏମିତି କରି ଦିନ କାଟିଲେ । ଯେଉଁ ଜାଗାରେ ସାହୁ ନିତାନ୍ତ ଆସି ବସେ, ସାହୁଆଣୀ ତୁନି ତୁନି ଟଙ୍କା ଗଣି ଦିଅନ୍ତି ।

ଏଣେ ବିଭା ସରଞ୍ଜାମ କିଣାକିଣି ଧୁମ୍ ଲାଗିଛି । ବାଣବାଲା ଆଗତୁରା ବଇନା ଧଇଲା, ଲୁଗା ମୋଟକୁ ମୋଟ କଚେରିଘରେ ଜମା; ମସଲାମସଲି କିଣିବାଲାଗି ଯୋଡ଼ାଏ କରଣ କଟକ ଧାଇଁଲେ । ହେଲେ ସାହୁକୁ ଏଟା ଭଲ ଲାଗୁ ନାହିଁ । ତାହାର ଇଚ୍ଛା, ପୁଅ ବିଭା ବାହାନାରେ ଖାତକଙ୍କ ପାଖରୁ ଟଙ୍କା ରୁଣ୍ଡାଇ ନେବ । ସାହୁଆଣୀ ବାପ ଜଣେ ଧନବନ୍ତ ଲୋକ ଥିଲା । ସେ ନିର୍ବଂଶ; ତାହାର ସବୁ ସମ୍ପତ୍ତି ସାହୁଆଣୀ ପାଇଛନ୍ତି । ସାହୁଆଣୀଙ୍କର ଇଚ୍ଛା- ନିର୍ବଂଶିଆ ଧନ ଘରେ ରଖିବେ ନାହିଁ; ଦାନପୁଣ୍ୟରେ ଖରଚ କରିବେ । ତାଙ୍କ ଦାନ ଦିଆନିଆ ପୁଅ ବି ଜାଣେ ନାହିଁ । ସାହୁଆଣୀଙ୍କର ଇଚ୍ଛା, ପୁଅର ମଙ୍ଗଳକୃତ୍ୟ ଖୁବ୍ ଆଡ଼ମ୍ବରରେ ହେଉ; ସମସ୍ତେ ଖାଇପିଇ ଆନନ୍ଦ ଉତ୍ସବ କରନ୍ତୁ । ବାକ୍ସ ଏକାବେଳକେ ଉଦୁଆଁ । ସାହୁ ଏ କଥା ସବୁ ଜାଣେ । ପୁଅ ବିଭା ହେବାକୁ ପଇସା ବି ଛାଡୁ ନାହିଁ, ପୁଣି ବଳକା ଖରଚ ଦେଖି ଭାରି ଦିକ୍‌ଦାର ।

ପନ୍ଦର ଖଣ୍ଡ ସରିକି ଚକଚକି ନାଆ; ଗୁଡ଼ାଏ କାଠୁଆ ସଜ ହେଲା । ପୁରୋହିତ ବ୍ରହ୍ମା, ଜ୍ୟୋତିଷୀ, କରଣ, ଟାଣୁଆ ଟାଣୁଆ କେତେଜଣ ଦେଶ ଲୋକ, ଭଣ୍ଡାରି, ଗଉଡ଼, ଷାଠିଏ ସତୁରି ଜଣ ସରିକି ଲୋକ ବରଗହଣରେ ଯିବେ । ନଈରେ ଉଛୁଳିକା ପାଣି ଛିନ୍‌ଛୋଟ - ହରିଣୀ ଖୋଳିବା କାଠୁଆ ହତା ଯନ୍ତ୍ର ଧରି କୋଡ଼ିଏ ସରିକି ମୂଲିଆ ବି ଯାଉଛନ୍ତି । ଉଠାଣି ଯିବାକୁ ଚବିଶ ପଚିଶ ଦିନରୁ ଉଣା ଲାଗିବ ନାହିଁ । ହେଲେ, ସାହୁଆଣୀ ଦେଢ଼ ମାସର ରୋଷେଇ ସରଞ୍ଜାମ, ଜଳଖିଆ ସରଞ୍ଜାମ ଦେଲେ । ଖଞ୍ଜ ଅଖଞ୍ଜ ଅଛି; କେଜାଣି ବାଟରେ ମଠ ହୋଇଯିବ ।

ସାହୁଆଣୀ ଯେପରି ଦାନଶୀଳା, ଦୟାବତୀ - ସେହିପରି ସବୁ କାମକୁ ଆଗ । କାଉ କା କତିରୁ ଅଧରାତି ଯାଏ ଚରଖି ପରି ଘୂରୁଥିବେ; ଟିକିଏ ହେଲେ ହାଲିଆ ହୋଇପଡ଼ିବାକୁ ନାହିଁ । ଘର ଖନ୍ଦାରେ ଦୁଇଓଳି ଶହେ ଖଣ୍ଡଯାଏଁ ପତ୍ର ପଡ଼େ । ହାଡ଼ିଆଣୀ, ପାଲୁଣୀଗୁଡ଼ାଏ ପାଛିଆ ଗୋଟିଏ ଗୋଟିଏ ଧରି ବାଡ଼ିଦୁଆର ପଟରେ ବସିଥାନ୍ତି । ସାହୁଆଣୀ ସମସ୍ତଙ୍କ କଥା ବୁଝନ୍ତି । ସମସ୍ତଙ୍କୁ ଦେଇଥୋଇ ଆପେ ଖାଆନ୍ତି । ସାହୁଆଣୀ କଥା କେହି ବୁଝିବାକୁ ନାହିଁ । ମାତ୍ର ପୁଅ ବିଦ୍ୟାଧର, ମା' ଖାଇଲା ନ ଖାଇଲା ବୁଝେ - ବାଧିକା ପଡ଼ିଲେ ପାଖରେ ବସି ଗୋଡ଼ ହାତରେ ହାତ ବୁଲାଏ ।

ଆଜି ପୁଷ ୧୫ଦିନ; ବରଯାତ୍ରା ପାଇଁ ଠିକ୍ ହୋଇଛି । ନଈକୂଳରେ ଅଧକୋଶଯାଏଁ ନାଆ କାଠୁଆ ଧାଡ଼ିକି ଧାଡ଼ି ଖଟା । ନାଉରିଆମାନେ ଆହୁଲା, କାତ, ନା-ଟଣା ଦଉଡ଼ି, ହରିଣୀଖୋଳା କାଠ, ହତା ଯନ୍ତ୍ର ଧରି ହାଜର । କୋଡ଼ିଏ ଖଣ୍ଡ ସରିକି ଗାଁରୁ ପିଲାପିଲି ଧରି ମାଇକିନିଆ ମରଦ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । କିଛି ଦୂର ନଈବାଲିରେ ଢୋ ଢୋ କରି ଗଛବାଣ ଫୁଟିଲା । ସଙ୍ଗେ ସଙ୍ଗେ ଶଙ୍ଖ-ହୁଳହୁଳି ଉଛୁଳି ପଡ଼ିଲା । ସମସ୍ତେ ବିଦ୍ୟାଧରକୁ ସୁଖ ପାଆନ୍ତି; ମନ ମଧ୍ୟରେ ତାହାର ମଙ୍ଗଳକାମନା କଲେ । ବର ଯାତ୍ରା ଆଗରୁ ଘର ଅଗଣା ଭିତରେ ପିଣ୍ଡି ଉପରେ ନାନ୍ଦିମୁଖୀ ଶ୍ରାଦ୍ଧ ବଢ଼ିଲା । ବିଦ୍ୟାଧର ବେଦୀରୁ ଉଠି ମା ପାଖରୁ ମେଲାଣି ଘେନିବାକୁ ଯାଇ ଗୋଡ଼ତଳେ ପଡ଼ିଲା; ମା' ପଦରୁ ଧୂଳି ନେଇ ମୁଣ୍ଡରେ ଲଗାଇଲେ । ମା' ତୁଳସୀମୂଳରୁ ମାଟି ନେଇ ତା ମୁଣ୍ଡରେ ଚିତା କରିଦେଲେ । ତେତିକିବେଳେ ବିଦ୍ୟାଧର ମା' ମୁହଁକୁ ଅନାଇ ଦେଖିଲା, ମୁହଁଟି ସିଠୁଆ କଳା ପଡ଼ିଯାଇଛି । ଆଖି ଡୋଳା ଯୋଡ଼ାକ ଭିତରକୁ ପଶିଯାଇଛି । ବିଦ୍ୟାଧର ଚମକିପଡ଼ି କହିଲା, "ଏ କଣ ମା', ତୁ ଏମିତିକା ଦିଶୁଛୁ କିଆଁ ? ଜ୍ୱର ହେଲାଣି କି ? ମୁଁ ଶୁଣିଛି, ଚାରିଦିନ ହେଲା ତୁ ଖୁଁ ଖୁଁ କାଶୁଛୁ । ନା ନା, ତୋତେ ଛାଡ଼ିଯିବାକୁ ମୋ ମନ ବଳୁ ନାହିଁ ।"

ମା' - ଏ କଣରେ ବାପ ! ଏ କି କଥା! ଏତେବେଳେ କଣ ଏପରି କଥା କହନ୍ତି ! ବାଟରେ ତୋତେ ଗ୍ରାମଦେବତୀ ରକ୍ଷା କରିବେ, ଜଗନ୍ନାଥ ମହାପ୍ରଭୁ କଲ୍ୟାଣ କରିବେ । ମୋର କିଛି ହୋଇନାହିଁ । ଏଇ କେତେଦିନ ଭାରି ଭିଡ଼ ପାଇଟିରେ ଲାଗିଥିଲି, ଖିଆପିଆ ଠିକ୍ ନ ଥିଲା । ଗ୍ରାମଦେବତୀଙ୍କୁ ଦଣ୍ଡବତ କରି ଦହିମାଛ କରି ଯା ।

"ମଙ୍ଗଳଂ ଭଗବାନ୍ ବିଷ୍ଣୁଃ" - ମନ୍ତ୍ର ପଢ଼ି ପୁରୋହିତ ବର ଅନୁକୂଳ କରାଇଦେଲେ ।

ହରିପୁରରେ ପହଞ୍ଚିବାକୁ ହାତଗଣତା ଠିକ୍ ପଚିଶ ଦିନ ଲାଗିଲା । ସଙ୍ଗରେ ଦଫେ ଗୋଟିପୋ ଗାଆଣିଆ ଥିଲେ । ଭଲ ଜାଗା ପାଇଲେ ଦିନେ ଦିନେ ସଞ୍ଜବେଳେ ନାଚଗାଉଣା ହୁଏ । ନଦୀକୂଳପାଖିଆ କୋଶକ ବାଟରୁ ଲୋକେ ଧାଇଁଆସି ଗାଉଣା ଶୁଣନ୍ତି ।

ଯୁଧିଷ୍ଠିର ସାହୁଙ୍କ ଘର କୋଶକ ଦୂରରୁ ସଞ୍ଜବେଳୁ ରୋଶନାଇ ଲାଗିଲା । କଟକୀ ଭୂଇଁଚମ୍ପା, ଚନ୍ଦ୍ରଉଦିଆ, ଗଛବାଣ ସାଙ୍ଗରେ ଯାଇଥିଲା । ଯୁଧିଷ୍ଠିର ସାହୁ ବି ଢେର୍ ବାଜା, ବାଣ ଠିକ୍ କରିଥିଲେ । ଦଶକୋଶ ବାଟରୁ ଲୋକେ ଚୂଡ଼ା, ଚାଉଳ ବାନ୍ଧି ରୋଶନାଇ ଦେଖିବାକୁ ଆସିଥିଲେ । ବାହୁଡ଼ିବାବେଳେ ବୋଲାବୋଲି ହୋଇ ଗଲେ, ଗୋଟାଏ ରଜାପୁଅ ବାହାରେ ବି ଏତେ ଆଟୋପ ହେବ ନାହିଁ ।

ବିଭା ବଢ଼ିଲା, ଅଷ୍ଟମଙ୍ଗଳା ବି ହୋଇଗଲା । ଏବେ ବର-କନ୍ୟା ବିଦାକଥା । ହଁ ଆଜି, ହଁ କାଲି, ହଁ ଆସନ୍ତା ଶୁକ୍ରବାର, ରବିବାର, ଏହିପରି କରୁଁ କରୁଁ ମାସେ କାଳ ବିତିଗଲାଣି । ଶେଷରେ ଦିନେ ଯୁଧିଷ୍ଠିର ସାହୁ କୁବେର ସାହୁଙ୍କୁ କହିଲେ, "ସମୁଧିଏ ! ନଈରେ ନାହିଁ ଜଳ - ଢେର୍ ଜାଗା ହରିଣୀ ଖୋଳିବାକୁ ହେବ, ଢେର୍ ବିଳମ୍ବ ହେବ । ଏଣେ ଖରା ପଡ଼ି ଆସିଲାଣି । ତୁମ ଆମ କଥା ଯାହା ହେଉ, ପିଲା ଯୋଡ଼ାକ ଯାଉଛନ୍ତି; ପୋଇଲୀ ପରିବାରୀ ବି ଦଶଜଣ ସଙ୍ଗରେ ଥିବେ; ସେମାନଙ୍କର ବଡ଼ କଷ୍ଟ ହେବ । ମୁଁ କହୁଛି, ଗହଣଲୋକଙ୍କୁ ବିଦା କରି ଦେଉନ୍ତୁ, ପିଲାଟି ଆଉ ଆପଣ ଦୁଇଜଣ ରହନ୍ତୁ । ପହିଲୁ ଆଷାଢ଼, ଯିମିତି ନଈରେ ପିତାପାଣି ପଡ଼ିବ, ନାଆ ମେଲି ଦେବେ, ଆପଣ କ' ଣ ଏବେ ପରଲୋକ ଯେ ଜଗିଜାଗି କଥା କହିବି ? ଏହି ଦେଖନ୍ତୁ, ଚଞ୍ଚଳ ସବୁ ଆୟୋଜନ କରିବାକୁ ପଡ଼ିଲା, ପିଲାମାନଙ୍କୁ ତ ଦି' ଖଣ୍ଡ ଗହଣାଗାଣ୍ଠି ଦେବାକୁ ହେବ । ଦେଖୁଛନ୍ତି ତ ପୁଞ୍ଜାଏ ବଣିଆ ଦିନରାତି ପାଇଟିରେ ଲାଗିଛନ୍ତି । ଚଞ୍ଚଳର କାମ ନୁହେଁ - ଟିକିଏ ମଠ ନ ହେଲେ ସବୁ ଠିକ୍ ହୋଇପାରିବ ନାହିଁ । ଆଉ ଆଉ ପାଞ୍ଚ ଚିଜ ତ ଦେବାକୁ ହେବ । ଆଠଖଣ୍ଡ ନାଆ ଗହଣରେ ଦେବି, ତିଆରି ସରି ନାହିଁ । ନଈକୂଳକୁ ଯାଇ ଦେଖନ୍ତୁ, ଅଧାଅଧି ବି ହୋଇ ନାହିଁ ।" କୁବେର ସାହୁ ମନ ମଧ୍ୟରେ ଭାଳିଲା, "ଏହି ତ ଷୋଳଗୋଡ଼ିଆ ସାତଖଣ୍ଡ ନାଆ ତିଆରି ଲାଗିଛି, ଗହଣାଗାଣ୍ଠି ବି ତିଆରି ଲାଗିଛି, ପିଲାଟା ଘରକୁ ଚଞ୍ଚଳ ଯାଇ କ' ଣ କରିବ ? ପଇସାର ଫନ୍ଦିଫିକରରେ ମନ ନାହିଁ, ମା' ପୁଏ ଯୋଡ଼ାକଯାକ ୟାଙ୍କୁ ଦିଅ, ତାଙ୍କୁ ଦିଅ, ଘରୁ ଚିଜବସ୍ତୁ ବାଣ୍ଟରେ ଲାଗିଥିବେ । ଉଚ୍ଛୁଣିକା ଏତିକି ଲାଭ, ବୁଢ଼ା ଆଖି ବୁଜିଲେ ସବୁ ମୋର । ନା ନା, ବୁଢ଼ାର ମନ ଭାଙ୍ଗିବା ଭଲ ନୁହେଁ ।" ଘର ପାଖରେ କୁବେର ସାହୁ ମୁହଁରୁ କେବେ କେହି ଠାକୁର ନାମ ଶୁଣି ନାହିଁ, ସବୁବେଳେ କଳନ୍ତର ଲାଭ ହିସାବ । ହରିହରପୁରକୁ ଆସିବା ଦିନୁ ସବୁବେଳେ ମୁହଁରେ 'ଜଗନ୍ନାଥେ - ଜଗନ୍ନାଥେ - ନୀଳାଚଳନାଥ' ଲାଗି ରହିଛି । କୁବେର ସାହୁ ଆଖି ବୁଜି କହିଲା, "ହଉ ହଉ, ସମୁଧିଏ ! ଆପଣ ଯାହା ଆଜ୍ଞା କରିବେ, କିଏ ଅନାସ୍ଥା କରିବ ? ଆପଣତ ସବୁ ଜାଗାରେ ମାଲିକ ।" ଗହଣର ସବୁ ଲୋକଙ୍କୁ ବିଦାକରି ଦିଆଗଲା, କେବଳ ବାପେ-ପୁଏ ଆଉ କେତେଟା ଚାକର ରହିଲେ ।

କୁବେର ସୋନପୁର, ବୌଦ ସବୁ କୋଠିର କରଣ କାରବାରିଆଙ୍କୁ ଲେଖିଦେଲା, "ମଫସଲରେ କିଛି ଟଙ୍କା ପାଉଣା ରଖିବ ନାହିଁ । ସବୁ ନାଆରେ ସରକ ବୋଝେଇ କରି ପହିଲୁ ଆଷାଢ଼ରେ ଯିମିତି ନଈରେ ପିତାପାଣି ପଡ଼ିବ, ହରିହରପୁର ଘାଟରେ ନାଆ ଧରି ହାଜର ହୋଇଯିବ ।" ଏଣେ ଘରଠାରେ ସାହୁଆଣୀ ବିଛଣା ଧରିଲେଣି । କବିରାଜ କହିଲା, "ଏଇଟା ରାଜଯକ୍ଷ୍ମା ଶିବଙ୍କ ଅସାଧ ।" କରଣମାନଙ୍କୁ ଡାକି ସାହୁଆଣୀ ସାବଧାନ କରାଇଦେଲେ, "ଖବରଦାର ! ହରିହରପୁରକୁ ମୋ

ବେମାରି କଥା ଲେଖିବ ନାହିଁ , ପୁଅ ଶୁଣିଲେ ଘାବରିଯିବ ।" ବିଦ୍ୟାଧର ଶ୍ୱଶୁର ଘରେ ରାଜଭୋଗରେ ଅଛି । କନ୍ୟାଟି ଯେମନ୍ତ ସୁନ୍ଦରୀ, ଗୁଣବତୀ, ସେହିପରି ପତିବ୍ରତା । ତେବେ ବି ଆଠଦିନକୁ ଆଠଦିନ ଘରପାଖରୁ ମା' ର ସମ୍ବାଦ ନ ପାଇଲେ ଆକୁଳ ହୋଇପଡ଼େ । ଶେଷ ଚିଠିରୁ ଶୁଣିଲା, ମା' ଙ୍କ ବେମାରି ଭଲ ହୋଇଗଲାଣି, ଏବେ ସେ ନିଶ୍ଚିନ୍ତ । ତେବେ ମା' ବୋହୂକୁ ଦେଖୁ, ଏହି କଥା ମନରେ କରି ବେଳେ ବେଳେ ଚଞ୍ଚଳ ହୋଇପଡ଼େ ।

ସୁଖର ଦିନ ଘୋଡ଼ା ଛୁଟିଲା ପରି ଧାଇଁଛି । ଯୁଧିଷ୍ଠିର ସାହୁ ଘରେ ଆନନ୍ଦ ଉତ୍ସବରେ ଚାହୁଁ ଚାହୁଁ ଚାରିମାସ ଚାଲିଗଲା । କନ୍ୟା ବିଦା ପାଇଁ ଯାହା ଯାହା ଲୋଡ଼ା, ସବୁ ଠିକ୍‌ଠାକ୍ ହୋଇଗଲାଣି । ଦଶଖଣ୍ଡ ନୂଆ ତିଆରି ନାଆ ତୁଠରେ ଧାଡ଼ି କରି ଖଟା ହୋଇଛି । ସବୁ ନାଆ ଚିତ୍ରବିଚିତ୍ର ମଣ୍ଡନୀ, ଦୁଇ ମଙ୍ଗରେ ଫରଫର ହୋଇ ପତାକା ଉଡୁଛି । ଏଗୁଡ଼ିକ ଯୌତୁକ ନାଆ । ସେଥିମଧ୍ୟରେ ଯୋଡ଼ାଏ ନାଆ ସୁନ୍ଦର ମଣ୍ଡନୀ । ଖଣ୍ଡକରେ ଝିଅ, ଆଉ ଖଣ୍ଡକରେ ଜ୍ୱାଇଁ ବସି ଯିବେ । ଆଷାଢ଼ ମାସ ଯେମିତି ପଶିଛି, ନାଆସବୁ ବୋଝେଇ ଲାଗିଲା । ବାସନ, ପେଡ଼ି ଆଡ଼ଖୁର, ଲୁଗାପେଡ଼ି, ଶିଳ, ଶିଳପୁଆ, ଛାଞ୍ଚୁଣୀ ମୁଠାଯାଏ ଘରକରଣା ଜିନିଷ, ଦୁଇବରଷ ଚଳିବା ମାଫିକ୍ ଦାନ୍ତକାଠିଖଣ୍ଡକ ସୁଦ୍ଧା ଛ' ଖଣ୍ଡ ନାଆରେ ବୋଝେଇ ହେଉଛି । ଯୁଧିଷ୍ଠିର ସାହୁର ତାଗିଦ୍ - ଖବରଦାର ବୁଝିସୁଝି ଦିଅ । ଝିଅ ଦୁଇବରଷ ଯାଏ ଶ୍ୱଶୁରଘରେ ପାଣି ମନ୍ଦାକ ଛାଡ଼ି ଯେମନ୍ତ ଆଉ କିଛି ଛୁଇଁବ ନାହିଁ । ଲୋକେ ବୋଲନ୍ତି, ଯୌତୁକ ଜିନିଷର ଦାମ୍ ପଚାଶ ହଜାର ଟଙ୍କାରୁ ଊଣା ନୁହେଁ ।

କୁବେର ସାହୁର ଦୂରଦୂରାନ୍ତର କୋଠିମାନଙ୍କରୁ ତିରିଶଖଣ୍ଡ ସରିକି ନାଆ ସରକ ବୋଝେଇ କରି ସେଠାରେ ଉପସ୍ଥିତ । ନାଆସବୁ ପୂରା ବୋଝାଇ, ପାଣିଲହଡ଼ି ଚାଳକୁ ଛୁଇଁ ଦେଉଛି । କୋଶେଯାଏ ସବୁ ନାଆ ଖଟା ହୋଇଛି । ଆଜହୁଁ ଦେଖଣାହାରୀମାନେ ମଫସଲରୁ ଆସି କୂଳରେ କାତାର ଦେଲେଣି ।

ଆଷାଢ଼ କୃଷ୍ଣ ଦଶମୀ ଦିନ ଯାତ୍ରା ହେଲା । ରଥ-କାଠ ମେଲାଣି ଭଳିଆ ପାଣିକୁ ଚାହିଁ ବସିଛନ୍ତି - ନୋହିଲେ ନାଆସବୁ ଭୀଷ୍ମ ପାରି ହୋଇପାରିବ ନାହିଁ । ଠିକ୍ ପୂରା ପାଣି ବି ହୋଇଗଲା । ଆଜି ଯାତ୍ରାର ଦିନ । ହଜାର ହଜାର ଦେଖଣାହାରୀ ନଈ ଦୁଇ କୂଳରେ କାତାର ଦେଇ ଛିଡ଼ା ହୋଇଛନ୍ତି । ଗୋଟାଏ ଗୋଟାଏ ନାଆରେ ଚାରି ଚାରିଜଣ ଆହୁଲା ଧରି ଛିଡ଼ା ହୋଇଗଲେ । ପଛରେ ମଙ୍ଗଧରା, ଆଗ ମଙ୍ଗ ଉପରେ ବାଟକଢ଼ାଣିଆ ଛିଡ଼ା । ଏହି କଢ଼ାଣିଆ ନ ହେଲେ ନାଆ ଭୀଷ୍ମ ପାର ହୋଇପାରିବ ନାହିଁ ।

ଆଠମଲ୍ଲିକ ଉପରକୁ ଗାଁଠାରୁ କଇଁତ୍ରାଗଡ଼ଯାଏ ଷୋଳ ସତର ମାଇଲ ଭିତରେ ଭୀଷ୍ମ ପଡ଼େ । ବଡ଼ ବଡ଼ ପଥର ସବୁ ମୁଣ୍ଡଟେକି ନଦୀ ମଧ୍ୟରେ ସଭା କରି ବସିଲା ପରି ବସିଛନ୍ତି । ବଢ଼ିପାଣିରେ ସେହି ପଥର ସବୁ ବୁଡ଼ିଗଲେ ତା ଉପର ଦେଇ ନାଆ ଭାସିଯାଏ । କେତେକ ପଥର ବୁଡ଼େ ନାହିଁ । ଗୁଡ଼ାଏ ପଥର ଉପରେ ଚାଖଣ୍ଡେ ଚାରି ଆଙ୍ଗୁଳ ଜଳ । ନାଉରିକୁ ପଥର ଦିଶେ ନାହିଁ । ଏଇ ଭୀଷ୍ମ ଜାଗାଟାରେ ନଈ କମ୍ ଓସାର ଯୋଗୁଁ ପାଣିର ଭାରି ତୋଡ଼, ଘଣ୍ଟାକ ମଧ୍ୟରେ କୋଡ଼ିଏ ମାଇଲ ବାଟ ନାଆ ଭାସିଯାଏ । ସେହି ଭୀଷ୍ମ ମଧ୍ୟରେ ଅଙ୍କାବଙ୍କା ସାପଚଳ ପରି ବାଟ । ନାଆ ସେହି ବାଟେ ଯାଏ । ସେ ବାଟଟା କଢ଼ାଣିଆକୁ ଜଣା । ସେ ଜାଗାରେ ପାଣିର ଭାରି ତୋଡ଼ । ପଥରରେ ବାଜି ଏପରି ଶବ୍ଦ କରେ ଯେ, କଢ଼ାଣିଆ କଥା ପଛ ମଙ୍ଗଧରାକୁ ଶୁଭେ ନାହିଁ । କଢ଼ାଣିଆ ଦୁଇ ହାତରେ ବାଟ ଠାରି ଦେଉଥାଏ । ଭୀଷ୍ମ ପାର କରିଦେଇ ବାଟକଢ଼ା କଇଁତ୍ରାଗଡ଼ଠାରେ ନାଆରୁ ଓହ୍ଲାଇପଡ଼େ । ତା କାମ ଛିଡ଼ିଲା । ତିନି ଦିନ ହେଲା ଶ୍ରବଣା ପଶିଥିଲା, ଭାରି ପାଣି, ଭାରି ଝଡ଼ । କାଲି ସଞ୍ଜରୁ ପାଣି ଛାଡ଼ିଛି । ସଖାଳେ ଆକାଶ ନିର୍ମଳ, ସୂର୍ଯ୍ୟଦେବତା ଜ୍ୱଳନ୍ତ ସୁନାପେଣ୍ଡୁଟି ପରି ଉଇଁ ଆସିଲେ । ଫେର୍ ଥରେ ସାହୁ ଘର ଭିତରୁ ଭାରି କାନ୍ଦଣା ଶଙ୍ଖ, ହୁଳହୁଳି ଶୁଭିଲା । ବରକନ୍ୟା ନାଆରେ ବସିଲେ । 'ଜେ ଜେ ଗଙ୍ଗାମାତା' କହି କହି ନାଉରିମାନେ ଆଗେ ବରକନ୍ୟା ନାଆ ମେଲି ଦେଲେ, ତା ପଛକୁ ତା ପଛକୁ ସବୁ ନାଆ ମେଲିଗଲା । ଦୁଇ କୂଳରୁ ହଜାର ହଜାର ଲୋକ 'ହରିବୋଲ' ପକାଉଛନ୍ତି ।

ଆଗ ନାଆ ଭାସିଯାଇ ଦୁଇକୋଶ ଦୂର ଶ୍ୟାମପୁର ଗାଁ ସଳଖରେ ଯେମିତି ପହଞ୍ଚିଛି, ସୂର୍ଯ୍ୟଦେବତା ବୁଡ଼ିଗଲେ । ନାଉରିଏ ଜାଣନ୍ତି, "ଉଇଁ ନ ଦିଶେ, ହସି ପଶେ, ବାପ ବୋଲେ ପୁତା ନିଷ୍ଟେ ବରଷେ ।" ନଈ ଦୁଇ କୂଳେ ଲୋକେ ଛିଡ଼ା ହୋଇ ଅନାଇଛନ୍ତି, ନାଉରିଏ ଭାରି ଆନନ୍ଦରେ 'ହରିବୋଲ' ଦେଇ ନାଆ ବାହିଯାଉଛନ୍ତି । ଯୋଡ଼ାଏ ନାଆ ଖଜା ପିଠା ବୋଝେଇ । ନାଆ ଖଟାଇ ଖାଇବେ । ଏତିକିବେଳେ ଉତ୍ତର-ପଶ୍ଚିମ କୋଣରୁ ହେଁସଖଣ୍ଡ ପରି ଖଣ୍ଡେ ସାନ ଧୂଳିଆ ମେଘ ଉଇଁ ଆସିଲା । ସିଲିସିଲି ପବନ ଝିଲକେଇଲା । ନାଉରିଏ ଡରିଗଲେ । ଆଉ ସମସ୍ତେ ବାହଣରେ ଲାଗିଛନ୍ତି । 'ଜେ ଜେ – ଗଙ୍ଗାମାତା ଜେ' ଗୀତ ଗାଇ ଆହୁଲା ବାହୁଛନ୍ତି । ନାଆ ଯିମିତି ମୁଣ୍ଡାପଡ଼ା ଗାଁ ଛୁଇଁଛି, କଥା ପଦକେ ଗୋଟା ଆକାଶ ମେଘ ଘୋଡ଼ାଇ ପକାଇଲା – ସଙ୍ଗେ ସଙ୍ଗେ ପବନ, ତା' ପଛକୁ ପାଣି । ପବନ ତ ପବନ, ଏପରି ଘୁଙ୍ଗୁଳିଆ ପବନ ଅକାଳେ ସକାଳେ ଦେଖିବାର ନାହିଁ । ବେତନାସି ଗୋଛାରେ ବାଡ଼େଇଲାପରି ନାଉରିମାନଙ୍କ ଦେହକୁ ପାଣିଛାଟ ମାରୁଛି । ଦିନଯାକ ବରଷା ଖାଇ ଯେଉଁମାନେ ନାଆ ବାହିଯାଆନ୍ତି, ଦଣ୍ଡକ ମଧରେ ସେ ନାଉରିଗୁଡ଼ାକ ହାଲିଆ ହୋଇପଡ଼ିଲେଣି । ଦୁଇ କୂଳରୁ ଡାକ ପଡ଼ିଛି, "ନାଉରି, କୂଳ ଭିଡ଼ା, କୂଳ ଭିଡ଼ା ।" ବାଟକଢ଼ା ଡାକୁଛି, "ମଙ୍ଗୁଳିଆ କୂଳ ଦେଖା – ଆରେ କୂଳ ଦେଖା ।" ନାଆ କ'ଣ ମଙ୍ଗ ମାନୁଛି । ଘୁଙ୍ଗୁଳିଆ ପବନ ନାଆର ଆଗ ମଙ୍ଗ ପଛକୁ କରିଦେଉଛି, କେବେ ନାଆକୁ ଚକପରି ବୁଲାଇ ଦେଉଛି । ନଈକୂଳର ଭାରୀ ଭାରୀ ପୁରୁଣା ଆମ୍ବ, ବର, ଓସ୍ତଗଛଗୁଡ଼ିକ ମାରିଷ ଗଛ ପରି ଉପୁଡ଼ି ପଡୁଛି । ପୂବାଳି ଗୋଟାଏ ଭାରି ଦମକା ପବନ ବାଡ଼େଇ ଦେଲା । ନାଆ ଉପର ମଙ୍ଗଧରା, ବାହାଣିଆ, ବାଟକଢ଼ା, ସବୁଗୁଡ଼ାକ ଝୁପ୍‌ଝାପ୍ କରି ନଈରେ ପଡ଼ିଗଲେ । ତଣ୍ଟିଆ ଦେଇ ସେମାନଙ୍କୁ କିଏ ଯେମନ୍ତ ପାଣିରେ ମାଡ଼ିଦେଲା । ନାଆଗୁଡ଼ାକ ଗୋଟାକ ଉପରେ ଗୋଟାଏ ବାଡ଼େଇ ହେଉଛନ୍ତି, ଗୁଡ଼ାଏ ଠୋକର ଖାଇ ଭାଙ୍ଗି ଗୁଣ୍ଡା ହୋଇଗଲାଣି । ଆଉ ଦଣ୍ଡେ ସତାର କରିଥିଲେ ନାଆସବୁ ସୁଅପାଣିରେ ପଡ଼ି ଭାସିଯାଇଥାନ୍ତେ; ମାତ୍ର କଇଁତ୍ରାଗଡ଼ ମୁଣ୍ଡରେ ନଈ ମଝିରେ ଗୋଟାଏ ବଡ଼ ଭୀଷ୍ମ ମହାକାଳ ଦୂତ ପରି ଛିଡ଼ା ହୋଇଥିଲା, ସବୁ ନାଆ ତା ଉପରେ ବାଡ଼େଇ ହୋଇ ଭାଙ୍ଗି ଚୂନା ହୋଇଗଲା । ଖଣ୍ଡେ ନାଆ ବର୍ତ୍ତି ପାରିଲା ନାହିଁ । ମନୁଷ୍ୟ ବା ବୋଝାଇ ଜିନିଷ କାହାରି ଚିହ୍ନବର୍ଣ୍ଣ ନାହିଁ, ଗୁଡ଼ାଏ ପଟା ଭାସି ଭାସି ଯାଉଛି ।

ଆଜକୁ ଠିକ୍ ହାତଗଣତା ହେଲା ବରଷେ । ଯୋଗ ଦେଖ, ଆଜି ବି ମିଥୁନ କୃଷ୍ଣଦଶମୀ, ମହାନଦୀ ଦୁଇକୂଳ ଖାଉଛି, ଉଚ୍ଛୁଳି ପଡ଼ିଲା ଭଳି । ଲଙ୍ଗଳକଣ୍ଟା ଗାଁ ତଳେ କୂଳ ଉପରେ ଯୋଡ଼ାଏ କୁସୁମଗଛରେ ଯୋଡ଼ାଏ ଲମ୍ବ ଲମ୍ବ ଦଉଡ଼ିରେ ଯୋଡ଼ାଏ ଝାଡୁଆ ନାଆ ଆଗ ମଙ୍ଗ ଖଟା ହୋଇଛି । ଟାଣ ସୁଅରେ ନାଆ ପଛ ମଙ୍ଗ ଅଳ୍ପ ଅଳ୍ପ ବିଞ୍ଚି ହେଉଛି । ବେଳେବେଳେ ନାଆ ଯୋଡ଼ାକ ନାଚି ଉଠୁଛନ୍ତି । ନାଉରିଗୁଡ଼ାକ ଦିନଯାକ କାତ ପେଲି ଥକିଥିଲେ । ଯିମିତି ପଡ଼ିଯାଇଛନ୍ତି, ନିଘୋଡ଼ ନିଦ, ଘୁଙ୍ଗୁଡ଼ି ମାରୁଛନ୍ତି । ଆକାଶରେ ଗୋଟାଏ ତରା ନାହିଁ, ଘୋର ଅନ୍ଧାର । ବେଳେବେଳେ ଲତାବିଜୁଳି ଚମକି ଯାଉଛି । ଗୋଟାଏ ଭେଣ୍ଡିଆ ଖଣ୍ଡେ ନାଆ ପଛମଙ୍ଗରେ ଗାଲରେ ହାତ ଦେଇ ବସି କଣ ଚିନ୍ତା କରୁଛି । ରାତି ଅଧାଅଧି ଗଡ଼ିଗଲାଣି, କ୍ୟାଁ ଶୋଇବାକୁ ଯାଇ ନାହିଁ? ତପସ୍ୟା କଲା ପରି ଆଖିବୁଜି ଉଇହୁଙ୍କାଟି ପରି ତୁନି ହୋଇ ବସିଛି । ମଙ୍ଗଟା ଠିକ୍ ଗାଧୁଆତୁଠରେ ଅଣ୍ଟାଏ ସରିକି ପାଣିରେ ଭାସୁଛି । ଏତିକିବେଳେ ତୁଠର କିଛି ଦୂରରୁ 'ହେ ଠାକୁର ! ହେ ଗଙ୍ଗାମାତା ! ମୋ ଧର୍ମ ରଖ !' ବିକଳ ରଡ଼ି ଶୁଣି ମୌନୀ ଭେଣ୍ଡିଆଟି ଚମକି ପଡ଼ିଲା । ଯେମନ୍ତ ଦେବୀ ପ୍ରତିମାଟିଏ ଧାଇଁଛି, ତା ପଛରେ ଯେମନ୍ତ ଗୋଟାଏ କାଳିଆଭୂତ ମତୁଆଲା ମଣିଷ ପରି ଟଳି ଟଳି ପଡ଼ି ଉଠି ଗୋଡ଼ାଉଛି । ନିତାନ୍ତ କର୍କଶ ଭାଷାରେ ପାଟିକରି କହୁଛି, "ଏ ବରଷକୁତା ତୋ ପିଛା ଲାଗିଛି, କଥା ଶୁଣୁ ନ ଥିଲୁ ପରା ? ଆଜି ଆଚ୍ଛା ବେଳେ ଆଚ୍ଛା ଜାଗାରେ ଆପେ ଆପେ ଭେଟ ମିଳିଗଲା । ଡାକିଲୁ ମୋ ମା'କୁ, ତୋ ବୋପା ଆସି ରଖୁ । ମୋ ବୋଉ ତୋତେ ଜଗି ବସିଥିଲା! କେହି ତୋ ପିଠିରେ ପଡ଼ୁ ନାହିଁ ?" ଯୁବତୀଟି ଆକୁଳରେ ରଡ଼ି ଛାଡ଼ିଛି, "ମହାପ୍ରଭୁ ! ମୋ ଧର୍ମ ରକ୍ଷାକର । ମା' ଗଙ୍ଗା ! ମୋତେ କୋଳକୁ ନିଅ । ମୋ ସ୍ୱାମୀ ମୋ ମୁଣ୍ଡର ମଣି – ମୋ ପ୍ରାଣ ଦେବତାକୁ କୋଳକୁ ନେଇଛ, ମୋତେ ନିଅ ।"

ନାଆ ମଙ୍ଗପାଖକୁ ଘଟଣା ଜାଗା ପାଞ୍ଚ ଛ'  ହାତ ଛଡ଼ା । ଯୁବତୀ ଆଉ ଆଗନ୍ତୁକ ଭିଡ଼ାଭିଡ଼ି ଲାଗିଛନ୍ତି । ମଙ୍ଗ ଉପରେ ଲୋକ ଯୁବତୀର ସ୍ୱର ଶୁଣି ଚମକି ପଡ଼ିଲା । ସେତିକିବେଳେ ବିଜୁଳିଟାଏ ଚମକିଗଲା । ଯୁବକ ଆଖିକୁ ଝକ୍‌ଝକ୍ ପଦ୍ମାବତୀ ରୂପ ପରି ଦିଶିଗଲା । ଆଉ ସମ୍ଭାଳି ପାରିଲା ନାହିଁ । ଆଗରେ ଗୋଟାଏ କାଠୁଆ ଆହୁଲା ପଡ଼ିଥିଲା, ତାକୁ ଧରି ମଙ୍ଗଠାରୁ ଆଠ ହାତ ଦୂରକୁ ହୁଙ୍କାର ଦେଇ ଯିମିତି ଡେଇଁ ପଡ଼ିଛି, ସେହି ଉଦଣ୍ଡା ରାକ୍ଷସଟା ମୁଣ୍ଡରେ ଟାଣି ଏକ ପାହାର । ଲୋକଟା 'ବାପାରେ'  ବୋଲି କହି ନଈ ଭିତରେ ସାତ ଆଠ ହାତ ଦୂରକୁ ଛିଟିକି ପଡ଼ିଲା । ପାଣିଟା ଟବ୍ କରି ଯାହା ଶୁଭିଛି, ତେତିକି । ଯୁବକ ଆଉ ପାହାରେ ବାଡ଼େଇବାକୁ ଆହୁଲା ଉଞ୍ଚାଇଲା– ମଣିଷର ଚିହ୍ନ ନାହିଁ । ଯୁବତୀ ବିଜୁଳି ଆଲୁଅରେ ଏତିକି ମାତ୍ର ଦେଖିଲା ଯେମନ୍ତ ଆକାଶରୁ ଗୋଟାଏ ଦେବତା ଖସି ପଡ଼ି ପାଷଣ୍ଡ ହାତରୁ ତାକୁ ରକ୍ଷା କଲେ । ଆକୁଳରେ 'ମୋ ପ୍ରଭୁ ! ଦେବତା'  ଏତିକି କହି ଯୁବକକୁ କୁଣ୍ଢେଇ ପକାଇଲା । ଆଉ ତାହାର ଜ୍ଞାନ ନାହିଁ । ଯୁବକ ବଡ଼ କଷ୍ଟରେ ଯୁବତୀଟିକୁ ନାଆ ମଙ୍ଗ ଉପରକୁ ଟେକି ନେଇ ନାଉରିମାନଙ୍କୁ ଉଠାଇଲା । ନାଆ ଚାଳ ଟେକି ଦେଇ ଅତି କଷ୍ଟରେ ଯୁବତୀଟିକୁ ନାଆ ଭିତରେ ଶୁଆଇଲା । ବିଦ୍ୟାଧର ଦେଖିଲା, ଯୁବତୀର ଚେତା ନାହିଁ, ମୁଣ୍ଡ ଲମ୍ବ ବାଳରୁ ଝରଝର କରି ପାଣି ବହିପଡୁଛି, ଦେହ ଗୋଟାକ କାଦୁଅ ଲଟପଟ, ଲୁଗା ଚୁପୁଡ଼ି ଦେଲେ ପାଣି ବୋହି ପଡ଼ିବ । ବିଦ୍ୟାଧର ବଡ଼ ହରବରରେ ପଡ଼ିଲା । ଭଲ କରି ଚିହ୍ନିଲାଣି ସତ, ତେବେ ବି ଡର ମାଡୁଛି । ପାଖରେ କେହି ନାହିଁ, ଯୁବତୀଟି କିପରି ଲୁଗା ପାଲଟିବ ? ହଠାତ୍ ହାତରେ ନଜର ପଡ଼ିଗଲା, ଆଙ୍ଗୁଳିରେ ମୁଦି । ଆପଣା ମୁଦି ବୋଲି ଚିହ୍ନିଲା, ଆଉ ସନ୍ଦେହ ନାହିଁ । ଲୁଗା କାହିଁ ? ଆପେ ତ ଦି'  ଛିଟିଆ – ଆପଣା ପାଛୁଡ଼ା ଖଣ୍ଡ ଯୁବତୀକୁ ପିନ୍ଧାଇ ଦେଇ ତା ଦେହରୁ ପାଣି ପୋଛି ପକାଇଲା ।

ଶ୍ୟାମସାହୁ ବିଦେଇର ନିଘନ ମଳାଶୁର । ଘର ଜୋରମେ ଇଲାକା ଖାଲପାଳ । ସାହୁ ଜଣେ କାରବାରିଆ ମଧ୍ୟଭଳି ଲୋକ । ବିଭା ସମୟରେ ବିଦ୍ୟାଧର ତାକୁ ଚିହ୍ନିଥିଲା, ଘର ଠିକଣା ଜାଣିଥିଲା । ଯୁବତୀର ଚେତା ବସୁ ନାହିଁ । ନାଆରେ ସବୁବେଳେ ଉହ୍ଲେଇରେ ନିଆଁ ଥାଏ । ଲୁଗା ପେଣ୍ଡୁଳା କରି ବିଦ୍ୟାଧର ଯୁବତୀକୁ ସେକୁଥାଏ । ରାତି ଆଉ ପିଛିଲା ସରିକି ପହରେ ଅଛି, ବିଦ୍ୟାଧର ନାଉରିମାନଙ୍କୁ ଡାକି କହିଲା, "ତୁମ୍ଭେମାନେ ଯେବେ ଦିନ ପହରକ ଭିତରେ ନାଆ ନେଇ ଖାଲପାଳ ତୁଠରେ ଭିଡ଼ାଇ ପାରିବ, ଖଜଣା ପାଞ୍ଚପାଞ୍ଚଟଙ୍କା କରି ବକ୍‌ସିସ୍ ଦେବି ।"  ନାଉରିଆମାନେ ବିଚାର କଲେ ଖାଲପାଳ ଏଠାକୁ ଚାରିକୋଶ ବାଟ – ଏତେବେଳୁ ନାଆ ମେଲିଦେଲେ କଷ୍ଟାକଷ୍ଟିରେ ନାଆ ପହଞ୍ଚିଯିବ । ଆକାଶରେ ଆଉ ମେଘ ନାହିଁ, ଟିକିଏ କାଳିଜହ୍ନିଆ ପଡ଼ିଗଲା । ନାଆଟା ଦକ୍ଷିଣ କୂଳ ଧରି ଯାଉଥିଲା । ଖାଲପାଳ ହେଉଛି ଉତ୍ତର କୂଳରେ । ଯିମିତି ରାତି ପାହିଛି, ନାଉରିଏ ନାଆ କ୍ଷେପିଦେଲେ ।

X X X

ଯୁବତୀ ଗୋଟିଏ କୋମଳ ବିଛଣାରେ ପଡ଼ିଛି, ଚେତା ନାହିଁ । ନାକରେ ତୁଳା ଦେଇ ଦେଖାଗଲା, ଅଳ୍ପ ଅଳ୍ପ ପବନ ଚାଲିଛି । ଗ୍ରାମର ପୁରୁଣା ବୈଦ୍ୟ ବଳେଇ ବାହିନୀପତିଏ ଭଲ ରୂପେ ନାଡ଼ି ଚିପି କହିଲେ, "କେବଳ ଇନ୍ଦ୍ରିୟଦୌର୍ବଲ୍ୟ–ବିପଦର ଆଶଙ୍କା ନାହିଁ ।"  ଲାଗ ଲାଗ ତିନି ପାନ କସ୍ତୁୁରିଭୂଷଣରସ, ଅଦାରସ, ମହୁ ଅନୁପାନରେ ପିଆଇ ଦେଇ କହିଲେ, "ଏହି ଔଷଧର କ୍ରିୟା ଆରମ୍ଭ ହେଲେ ଚେତନା ବସିବ ।"  ଘଟଣାର ତୃତୀୟ ଦିନ ଉପରଓଳି ଯୁବତୀ ଟିକିଏ ଆଖି ମେଲି ଚାହିଁଲା । ଚାଳବାଡ଼ ସବୁଆଡ଼କୁ ଆଖି ବୁଲାଇ ଅନାଇଲା – ଦେଖିଲା ଗୋଟିଏ ପ୍ରୌଢ଼ା ସ୍ତ୍ରୀ ପାଖରେ ବସି ଧୀରେ ଧୀରେ ତା ଦେହରେ ହାତ ବୁଲାଉଛି । ଯୁବତୀର ଚେତା ବସିଲାଣି । ଅତି କ୍ଷୀଣ ସ୍ୱରରେ ତାକୁ ପଚାରିଲା, 'ମୁଁ କେଉଁଠି ଅଛି ?' ପ୍ରୌଢ଼ା ଅତି ଧୀରେ, ଅତି କୋମଳରେ କହିଲା, "ମା ପଦ୍ମାବତୀ ! ମୁଁ ପରା ତୋର ମାଉସୀରେ – ମୋତେ କଣ ଚିହ୍ନିପାରୁ ନାହୁଁ ?" ପଦ୍ମାଉଠି ବସିଲାଣି । କାନ୍ଥବାଡ଼ ଧରି ସକାଳ ସଞ୍ଜ ଟିକିଏ ଟିକିଏ ଚଲାବୁଲ ହୁଏ । ବୈଦରାଜ ବ୍ୟବସ୍ଥା, ଟିକିଏ ଟିକିଏ ଦୁଧ ଦିଆଯାଉଛି, ଅନ୍ୟ ପଥ୍ୟ ଦିଆଯାଇ ନାହିଁ । ଝିଅ ଜୁଆଁଇ ପହଞ୍ଚିବାକ୍ଷଣି ସାହୁ ଚାରିଜଣ ଭେଣ୍ଡିଆ ପାଇକ ହାତରେ ଯୁଧିଷ୍ଠିର ସାହୁ ପାଖକୁ ଭାଷା ଚାଳି ଦେଇଥିଲେ । ଆଜି ଦଶମ ଦିନ ତିରିଶ ବଣୁଆ ଆପଟ ଚାରିଖଣ୍ଡ ପାଲିକି ଧରି

ହରିହରପୁରରୁ ଆସି ଉପସ୍ଥିତ । ଯୁଧିଷ୍ଠିର ସାହୁ ଲେଖିଛନ୍ତି, "ବାଟରେ ଆଠଜାଗା ଟପା ଆପଟ ବସିଲା । ତଡ଼େଦମ ଝିଅ-ଜୁଆଁଇଙ୍କୁ ଧରି ମଉସାମାଉସୀ ଆସିବ । ଚାରିଦିନ ବାଟ ଦୁଇ ଦିନରେ ଆସିବ । କିଛି ମଠ କରିବ ନାହିଁ ।"

ମହା ଆନନ୍ଦରେ, ଉତ୍ସବରେ ଯୁଧିଷ୍ଠିର ସାହୁ ଝିଅ-ଜୁଆଁଇଙ୍କୁ ଘରକୁ ନେଲେ । କେତେ ଦିନ ପର୍ଯ୍ୟନ୍ତ ମନ୍ଦିରରେ ହରିଲୁଟ, କୀର୍ତ୍ତନ, ବୈଷ୍ଣବଖନ୍ଦା, ପ୍ରସାଦସେବା ଚାଲିଲା ।

ଘୋର ଦୁର୍ଯୋଗ, ଘୋର ଦୁର୍ଦ୍ଦିନ ଉତ୍ତାରେ ତରୁଣାରୁଣ ଆଲୋକ ବଡ଼ ପ୍ରୀତିକର, ବଡ଼ ଆନନ୍ଦଦାୟକ ଜଣାଯାଏ । ବିଦ୍ୟାଧର, ପଦ୍ମାବତୀ ଦୁଇଜଣ ଦିନରାତି ଚକୁଆ-ଚକୋଇ ପରି ଉଆସ ଭିତର ପଦ୍ମାବତୀ ଖଞ୍ଜାରେ ବସି ଆନନ୍ଦ ଉତ୍ସବରେ ଦିନ କାଟୁଥାନ୍ତି । ନାଆ ଭଙ୍ଗାଠାରୁ ବରଷେ କାଳ କିଏ କିପରି ଥିଲା, ସେହି ଦୁଃଖକାହାଣୀ କେହି କାହାକୁ ପଚାରି ନାହିଁ । ଆଜି କଥାକେ ସେହି କଥା ପଡ଼ିଗଲା । ବିଦ୍ୟାଧର କହିଲା, 'ନାଆ ଯେମିତି ଭାଙ୍ଗିଗଲା ମୁଁ ଖଣ୍ଡେ ପଟା ଉପରେ ପେଟେଇ ପଡ଼ି ଭାସୁଥାଏ । ତମେ କୁଆଡ଼େ ଗଲ, ଅନାଇଲି । ତୁମେ ବି ଖଣ୍ଡେ ପଟା ଉପରେ ପଡ଼ି ଭାସୁଥିଲ, ଥରେ କେବଳ ଦେଖିଥିଲି । ପଛନ୍ତେ ଶୁଣିଲି, ତହିଁ ଆରଦିନ ସକାଳେ ନଦୀ ମଧ୍ୟରେ ଭାସି ଭାସି ଯାଉଥିଲି, ଖଣ୍ଡେ ନାଆର ନାଉରିମାନେ ଦେଖି ମୋତେ ଉଠାଇନେଲେ । ଚାରିଦିନ ବାଦେ ମୋର ଚେତା ବସିଲା, ଅନାଇ ଦେଖିଲି, ଗୋଟାଏ ବଡ଼ ଘରେ ଶୋଇଛି । ପଛନ୍ତେ ଶୁଣିଲି, ସେଇଟା ଗୋବିନ୍ଦପୁର ଗାଁର ଗୋପାଳଜୀ ମଠ । କଟକଠାରୁ ଦୁଇକୋଶ ତଳକୁ । ବୁଢ଼ା ମହନ୍ତ ଲଳିତା ଦାସ ବାବାଜି ମୋତେ ବଞ୍ଚାଇବା ପାଇଁ ଖୁବ୍ ଯତ୍ନ କରୁଥାନ୍ତି । ମାସକ ବାଦେ ଚାଲିବୁଲି ପାରିଲି । ତୁମ ବାପା ଯେଉଁ ସୁନା ଗବତାରଟା ଦେଇଥିଲେ ଅଣ୍ଟାରେ ଥିଲା; ମହନ୍ତଙ୍କୁ ଦେଲି । ବିକି ମୋ ପିଛେ ଖରଚ କରିବାକୁ କହିଲି । ମହନ୍ତ ନାହିଁ ନାହିଁ କରି ନେଲେ । ମୋର ଟିକିଏ ବଳ ଆସିଥାଏ, ତୁମ କଥା, ବାପାଙ୍କ କଥା ମନରେ ପଡ଼ିଲେ ପୁଣି ଦଶ ପନ୍ଦର ଦିନ ପଡ଼ିଯାଏ । ଏହିପରି ଆଠ ଦଶ ମାସ କାଳ ବିତିଗଲା । କଟକ ଜିଲ୍ଲାରେ ବାପାଙ୍କର ନାମଡାକ । ଲଳିତା ଦାସେ ବାପାଙ୍କ ନାମ ଶୁଣି ମୋତେ ଆହୁରି ଯତ୍ନ କଲେ, ଆମଘରଠାକୁ ଖବର ପଠାଇଲେ । ଲୋକେ ବାହୁଡ଼ି ମୋ ମାତାଙ୍କ ବିୟୋଗ କଥା କହିଲେ । ମୁଁ ଆହୁରି ଦି' ମାସଯାଏ ବିଛଣାରେ ପଡ଼ି ରହିଲି । ତହିଁ ଉତ୍ତାରେ ସ୍ଥିର କଲି, ଘରକୁ ଯିବି ନାହିଁ, ସନ୍ନ୍ୟାସୀ ହୋଇ ତୀର୍ଥରେ ବୁଲିବି । ଦେହରେ ବଳ ହେବାରୁ ଚାଲି ଚାଲି ଘରକୁ ଗଲି । ଘରକୁ ଯାଇ ଯାହା ଦେଖିଲି, ଦଣ୍ଡେ ରହିବାକୁ ଇଚ୍ଛା ବଳିଲା ନାହିଁ । ପୁରୋହିତ ଦିବାକର ଦ୍ୱିବେଦୀ ଶାସନର ଆଉ ଆଉ ଯେଉଁମାନଙ୍କର ଜମି ବାପା ନିଲାମରେ ଧରି ନେଇଥିଲେ, ଡକାଇ ସମସ୍ତଙ୍କ ଜମି ଫେରାଇ ଦେଲି । ରେଜେଷ୍ଟରୀ, ଅରେଜେଷ୍ଟରୀ ଗୁଜା ଯେତେ ଦଲିଲ ଥିଲା, ଆଉ ଧାନ କରଜା ପାଞ୍ଜି ସବୁ ପୋଡ଼ି ପକାଇ ଖାତକମାନଙ୍କୁ ଖବର ଦେଲି, ଆଉ ସେମାନଙ୍କୁ ଟଙ୍କା ଦେବାକୁ ହେବ ନାହିଁ । ଧାନ, ଗୋରୁ, ବାସନକୁସନ ଯାହା କିଛି ଥିଲା, ଦେଶ ଲୋକଙ୍କୁ ବାଣ୍ଟିଦେଇ ଦିନେ ରାତିରେ କାହାକୁ କିଛି ନ କହି ଘରୁ ବାହାରି ଆସିଲି । ମନରେ କଲି, ଆଉ ତ ଗୁରୁଜନ କେହି ନାହିଁ, ଶ୍ୱଶୁରଙ୍କୁ ଶେଷ ଦର୍ଶନ କରି ତାଙ୍କ ପାଦଧୂଳି ମୁଣ୍ଡରେ ଦେଇ ବାହାରି ଯିବି ।

କଟକଯାଏ ଆସିଲି । ଝାଡ଼ ମୁଲକରେ ବାପାଙ୍କୁ ସମସ୍ତେ ଜାଣନ୍ତି । ମହାନଦୀକୂଳ ଗଡ଼ଗଡ଼ିଆ ପାଖ ଘାଟରେ ଖଣ୍ଡେ ସୋନପୁରୀ ନାଆରେ ଉଠିବସିଲି । ଆସୁ ଆସୁ ଲଙ୍ଗଳକଣ୍ଠାଠାରେ.... ପଦ୍ମାବତୀ ପଣତକାନିରେ ବିଦ୍ୟାଧର ମୁହଁ ବୁଜିଧରି କହିଲା, "ଆଉ କିଛି କହନା ।" ବିଦ୍ୟାଧର ଆତ୍ମକାହାଣୀ ବର୍ଣ୍ଣନା ସମୟରେ ପଦ୍ମା ଆଖିରୁ ଦୁଇଧାର ଲୋତକ ବହୁଥାଏ ।

ବିଦ୍ୟାଧର କହିଲା, "ଏବେ ତୁମ କଥା କହ ।" ପଦ୍ମା ମୁହଁ ପୋଛି ଆତ୍ମକାହାଣୀ କହିବାକୁ ଲାଗିଲା । "ମୁଁ ଲଙ୍ଗଳକଣ୍ଠା ଦଳେଇ ଦଳେଇ ଘରେ ଥିଲି । ଦଳେଇ ଗାଁ ମଧ୍ୟରେ ଥିଲାବାଲା ଲୋକ । ଗ୍ରାମର ସମସ୍ତ ଲୋକ ମାନନ୍ତି । ଘର ଆଗରେ ଗୋଟିଏ ଠାକୁର ମନ୍ଦିର କରିଛି, ସଦାବର୍ତ୍ତ ଦିଏ । ଶୁଣିଲି, ମୁଁ ତୁଠରେ ଅଚେତ ହୋଇ ପଡ଼ିଥିଲି । ଦଳେଇଘର ମାଇପେ ମୋତେ ଗୋଟାଇ ଘେନି ଯାଇଥିଲେ । ଦଳେଇ ଆଉ ତା ଭାର୍ଯ୍ୟା ମୋତେ ବଡ଼ ଆଦରରେ ରଖିଥିଲେ । ଝିଅରୁ

ବଳି ସ୍ନେହ କରନ୍ତି । ମୋ ପାଇଁ ମନ୍ଦିରରୁ ପ୍ରସାଦ ଆସେ । ମୁଁ କାନ୍ଦିଲେ ଦଳେଇ ଭାର୍ଯ୍ୟା ସାନ୍ତ୍ୱନା ଦିଏ, ମୋତେ ବାପା ପାଖକୁ ପଠାଇ ଦେବାକୁ କହେ । ଦଳେଇ ଯିମିତି ଧାର୍ମିକ, ତା ପୁଅଟା ସେହିପରି କୁଳାଙ୍ଗାର, ପାଷଣ୍ଡ । ମଦ, ଆପୁ ଗଞ୍ଜେଇ କିଛି ନିଶା ତାକୁ ଅଣ୍ଟେ ନାହିଁ । ଘରେ ଯୁବତୀବୋହୂ, ତାକୁ ଅନାଏ ନାହିଁ । ଗାଁ ବୋହୂ-ଝିଅ ତା' ଡରରେ ଘରୁ ବାହାରନ୍ତି ନାହିଁ । ମୋ ଉପରେ ଅତ୍ୟାଚାର କରେ, ନାନା କୁକଥା କହେ । ଦଳେଇ ଭାର୍ଯ୍ୟା ସେଥିଲାଗି ମୋତେ କାନି ଗଣ୍ଠିଲି କରି ରଖିଥାଏ । ମୁଁ ବି ତା ଶରଣ ପଶିଥାଏ । ତଥାପି ଟିକିଏ ବେଳ ପାଇଲେ ମୋତେ ନାନା କୁକଥା କହେ । ଆଉ ସହିପାରିଲି ନାହିଁ । ସେଦିନ ରାତିରେ ବୁଡ଼ି ମରିବା ପାଇଁ ଆସିଥିଲି । ଦୁଷ୍ଟଟା ବାଟରେ ଧରିଥିଲା, ତୁମେ ରକ୍ଷାକଲ । ତେତେବେଳେ ତୁମକୁ ଚିହ୍ନି ନ ଥିଲି । ମନରେ କଲି, ପ୍ରଭୁ ସ୍ୱର୍ଗରୁ ଓହ୍ଲାଇ ଆସି ମୋତେ କୋଳ କରିନେଲେ ।"

ଯୁଧିଷ୍ଠିର ସାହୁ ଆଉ ବିଷୟ ଆଶୟ କିଛି ବୁଝେ ନାହିଁ । ଝିଅ-ଜୁଆଁଇଙ୍କୁ ସବୁ ସମ୍ପିଦେଇ ଦିନରାତି ବସି ହରିନାମ ଜପୁଥାଏ ।